## ରାଜ୍ୟ ସଂଗ୍ରହାଳୟରେ ରଜ ପାଳିଲେ ମୁଖ୍ୟମନ୍ତ୍ରୀ

# 'ଉଜ୍ଜୀବିତ ହେବ ଓଡ଼ିଆ ଅସ୍ମିତା, ସଂସ୍କୃତି'



- ମଞ୍ଚରେ ପିଠା ଖାଇଲେ, ଉଦ୍ୟାନରେ ଦୋଳି ଖେଳିଲେ
- ୨୦୩୬ ସୁଦ୍ଧା ଦେଶରେ ଓଡ଼ିଶା ହେବ ଏକ ନମ୍ବର
- ଶୁଭାରମ୍ଭ ହେଲା ଡାଇନୋସର, 'ସୋଲ୍ ଅଫ ଦି ସଏଲ'

ଭୁବନେଶ୍ୱର,୧୪।୬(ନି.ପ୍ର): ରଜ ମହୋତ୍ସବ ହେଉଛି ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଗଣପର୍ବ। ଆମ ଅସ୍ମିତାକୁ ପୁନର୍ଜୀବିତ କରିବା ପାଇଁ ଏଭଳିଭାବେ ବିଭିନ୍ନ କାର୍ଯ୍ୟକ୍ରମକୁ ଜୀବନ୍ୟାସ ଦେବାକୁ ପଡ଼ିବ। ରଜ ପର୍ବରେ ସାମିଲ ହୋଇ ବହୁତ ଖୁସି ଅନୁଭବ କରୁଛି। ଏହି ଉତ୍ସବ ପ୍ରମାଣ କରୁଛି ଯେ ଆମେ ଓଡ଼ିଆ ଅସ୍ମିତା, ଅସ୍ତିତ୍ୱ, ସଂସ୍କୃତି ଓ ପରମ୍ପରାକୁ ଭୁଲିନାହୁଁ। ନୂଆ ସରକାର ଓଡ଼ିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଆଗାମୀ ଦିନରେ ଆହୁରି ଉଜ୍ଜୀବିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସଂଗ୍ରହାଳୟ ପରିସରରେ ଓଡ଼ିଆ ସଂସ୍କୃତିର ଅନ୍ୟତମ ପର୍ବ ରଜ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ସରକାର ଏବଂ ଜନତା ମଧ୍ୟରେ ସମ୍ପର୍କ ଯୋଡ଼ିବା ପାଇଁ ରଜ ମହୋତ୍ସବ ଏକ ମାଧ୍ୟମ। ଆମ ସରକାର ଏଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଆ ଘରେ ରଜ ପର୍ବ ପାଳନ ସମ୍ପର୍କରେ ବର୍ଣ୍ଣନା କରି ପୁଅ, ଝିଅମାନେ କିଭଳି ନୂଆ ବସ୍ତ୍ର ପରିଧାନ କରନ୍ତି, ସମସ୍ତେ କିପରି ମିଠା ପତ୍ରରେ ତିଆରି ରଜ ପାନର ମଜା ନିଅନ୍ତି, ମା'ମାନେ ପୋଡ଼ ପିଠା କରି ସମସ୍ତଙ୍କୁ ଖୁଆନ୍ତି, ଗାଁ ଗହଳିରେ ଦୋଳି ଖେଳ ଓ ତାସ ଖେଳର ମଜା ନିଅନ୍ତି ସେ ସମ୍ପର୍କରେ କହିଥିଲେ। ନିଜ ଜନ୍ମମାଟି କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ କିପରି ସମସ୍ତେ ରଜ ପର୍ବରେ ସାମିଲ ହେବା ପାଇଁ ସହରରୁ ଗାଁକୁ ଯାଇଥାନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତି ହେବ। ସାରା ଦେଶରେ ଓଡ଼ିଶା ଏକ ନମ୍ବର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମଞ୍ଚ ଉପରେ ଶ୍ରୀ ମାଝୀ ପୋଡ଼ପିଠା ଖାଇବା ସହିତ ଉଦ୍ୟାନରେ ଦୋଳି ଖେଳିଥିଲେ। ଉଦ୍ୟାନରେ ଏକ ବୃହତକାୟ କୃତ୍ରିମ ଡାଇନୋସରର ଶୁଭାରମ୍ଭ କରାଯାଇଥିଲା। ସଂଗ୍ରହାଳୟର କଫିଟେବୁଲ ବହି 'ସୋଲ୍ ଅଫ ଦି ସଏଲ' ଲୋକାର୍ପିତ ହୋଇଥିଲା

ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଦିଲୀପ ରାଉତରାୟ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଶ୍ରୀତମ ଦାସ, ପଞ୍ଚାନନ ନାୟକ, ହରିହର ମହାପାତ୍ର ଏବଂ ସଂଗ୍ରହାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଗୋଟିପୁଅ ନୃତ୍ୟ ସାଙ୍ଗକୁ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରିସରରେ ଏକ ଗୋଟିପୁଅ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଆଗାମୀ ଦୁଇ ଦିନ ଧରି ସଂଗ୍ରହାଳୟରେ ରଜ ଉତ୍ସବ ପାଳନ କରାଯିବ।

## ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ

୧୪।୬।୨୦୨୪



୬,୫୯,୦୭୫ ଟଙ୍କା

## ରଜ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୧୪।୬(ନି.ପ୍ର): ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ। ପହିଲି ରଜ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ସାଦର ଅଭିନନ୍ଦନ।

ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏହି ଅନନ୍ୟ ଗଣ ପର୍ବ ସମସ୍ତଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଆଣିଦେଉ ବୋଲି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଭିଡ଼

ଭୁବନେଶ୍ୱର,୧୪।୬(ନି.ପ୍ର): ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରେ ଚାଲିଛି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବା ସହ ତାଙ୍କ ସହ ଫଟୋ ଉଠାଇବା ପାଇଁ ରାଜ୍ୟ ଅତିଥି ଭବନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଶୁକ୍ରବାର ସକାଳୁ ଅତିଥି ଭବନରେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ଲୋକ, ସଂଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଭିଡ଼ ଜମାଇଥିଲେ। ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ପାଇଁ ତାଙ୍କ ଦ୍ୱାର ଖୋଲା ରଖିଥିବାବେଳେ ସମସ୍ତେ ସହଜରେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇ ଖୁସି ବ୍ୟକ୍ତ କରିଥିଲେ। ସାଧାରଣ ଜନତା, ଦଳୀୟ ନେତା, କର୍ମକର୍ତ୍ତା, ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

## ବିଭିନ୍ନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ପ୍ରଶାସନିକସ୍ତରରେ ହୋଇପାରେ ବଡ଼ଧରଣର ପରିବର୍ତ୍ତନ



ଭୁବନେଶ୍ୱର,୧୪।୬(ନି.ପ୍ର): ରାଜ୍ୟ ଅତିଥି ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରଶାସନିକ ଅଧିକାରୀଙ୍କୁ ଡାକି ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୈଠକରେ ବାହାର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟର ପରିଚାଳନା ଦାୟିତ୍ୱ ଦିଆଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଶାସନିକ ଅବ୍ୟବସ୍ଥା ଦେଖି ସେ ବିସ୍ମିତ ହୋଇଥିଲେ। ରାଜ୍ୟରେ ସରକାରୀ ବ୍ୟବସ୍ଥା କିପରି ଚାଲିଛି ସେ ସମ୍ପର୍କରେ ଅବଗତ ହେବା ସହ ବିଭାଗୀୟ ସଚିବଙ୍କଠାରୁ ତଥ୍ୟ ଲୋଡ଼ିଥିଲେ ମୁଖ୍ୟମନ୍ତ୍ରୀ। ବିଭିନ୍ନ ବିଷୟରେ ସେ ଅବଗତ ହୋଇଥିଲେ।

ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଯୋଗ ଦେଇଥିଲେ। ମୁଖ୍ୟ ସଚିବ କହିଛନ୍ତି, ବୈଠକରେ ରାଜ୍ୟର ସାମଗ୍ରିକ ସ୍ଥିତି ଉପରେ ଉପସ୍ଥାପନ କରିଥିଲୁ। ଯେଉଁଥିରେ ଓଡ଼ିଶାର ଜନସଂଖ୍ୟାଠାରୁ ଆରମ୍ଭ କରି ଭୌଗୋଳିକ ସ୍ଥିତି, ଓଡ଼ିଶାର ଅର୍ଥନୀତି, ଅନ୍ୟାନ୍ୟ କ୍ଷେତ୍ରରେ କ'ଣ ସବୁ ବିକାଶ ହେବାକୁ ଅଛି, ଆଉ କେଉଁ ଆହ୍ୱାନ ରହିଛି ତାହା ଉପରେ ଆଲୋଚନା କରିଛୁ। ସମୀକ୍ଷା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅବ୍ୟବସ୍ଥାର ସୂଚନା ପାଇଥିବାରୁ ଆଗାମୀ ଦିନରେ ପ୍ରଶାସନିକସ୍ତରରେ ବଡ଼ଧରଣର ପରିବର୍ତ୍ତନ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଶପଥ ନେବାର ପ୍ରଥମ ଦିନରୁ ହିଁ ମୁଖ୍ୟମନ୍ତ୍ରୀ ଆକ୍ସନ୍ ମୋଡ୍‌ରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। 'ଜନତାଙ୍କ ସରକାର' ଛବି ପ୍ରତିଫଳିତ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରିବା ସହ ଯୋଜନାବଦ୍ଧ କାର୍ଯ୍ୟକ୍ରମ କରୁଛନ୍ତି।

## କାମଚଳା ବାଚସ୍ପତି ଭାବେ ଶପଥ ନେଲେ ରଣେନ୍ଦ୍ର ପ୍ରତାପ



ଭୁବନେଶ୍ୱର,୧୪।୬(ନି.ପ୍ର): ସପ୍ତଦଶ ଓଡ଼ିଶା ବିଧାନସଭାର କାମଚଳା ବାଚସ୍ପତି(ପ୍ରୋଟେମ ସ୍ପିକର) ଭାବେ ରାଜଭବନରେ ଶପଥ ନେଇଛନ୍ତି ବରିଷ୍ଠ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ।

ଶୁକ୍ରବାର ରାଜଭବନସ୍ଥିତ ଅଭିଷେକ ପ୍ରେକ୍ଷାଳୟରେ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଶ୍ରୀ ସ୍ୱାଇଁଙ୍କୁ ଶପଥ ପାଠ କରାଇଥିଲେ। ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ ରାଜ୍ୟପାଳଙ୍କ ନିର୍ଦ୍ଦେଶନାମା ପାଠ କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଜି.ମାଥିଭାଥନନ୍‌ଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। କାମଚଳା ବାଚସ୍ପତି ଶ୍ରୀ ସ୍ୱାଇଁ ଆସନ୍ତା ୧୮ ଓ ୧୯ ଦୁଇ ଦିନ ଧରି ନବ ନିର୍ବାଚିତ ବିଧାୟକ/ବିଧାୟିକାଙ୍କୁ ଶପଥ ପାଠ କରାଇବେ। ବିଧାୟକଙ୍କ ଶପଥ ଗ୍ରହଣ ସରିବା ପରେ ଆସନ୍ତା ୨୦ ତାରିଖରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ।

## '୨୦୨୯ରେ ସରକାର ଗଢ଼ିବ କଂଗ୍ରେସ'

ଭୁବନେଶ୍ୱର, ୧୪।୬(ନି.ପ୍ର): ୨୦୨୯ରେ କଂଗ୍ରେସ ବହୁମତ ଆଣି କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିବ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି।

ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି, ଜୟପୁର ନିର୍ବାଚନ ମଣ୍ଡଳୀବାସୀ ମତେ ବିଜୟୀ କରିଥିବାରୁ ଧନ୍ୟବାଦ ଦେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ତିନି ତିନିଥର ଜୟପୁର ଏବଂ ୨ଥର କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରୁ ଗୃହକୁ ନିର୍ବାଚିତ ହୋଇଛି। କଂଗ୍ରେସ ସରକାରରେ ନଥିଲେ ମଧ୍ୟ ଜୟପୁର ନିର୍ବାଚନ ମଣ୍ଡଳୀବାସୀଙ୍କ ପାଇଁ କାମ ଜାରି ରହିବ। ଆଗାମୀ ଦିନରେ କଂଗ୍ରେସ ଏକ ନମ୍ବର ସ୍ଥାନକୁ ଆସିବ। ବିଧାୟକ ଦଳ ନେତା କରାଯାଉ କି ନଯାଉ ଗରିବ ଓ ଖଟିଖିଆ ଲୋକଙ୍କ ପାଇଁ କାମ କରିବି। କଂଗ୍ରେସରୁ ନିର୍ବାଚିତ ୧୪ ବିଧାୟକ ଏକାଠି ରହିବୁ ଏବଂ ରାଜ୍ୟ ପାଇଁ ଏକାଠି କାମ କରିବୁ। ବିଜେଡି ଗୃହରେ ବିଜେପି ସରକାରକୁ ବିରୋଧ କରିପାରିବ ନାହିଁ। ଆଗକୁ କଂଗ୍ରେସ ଦଳର ଢାଞ୍ଚା ପରିବର୍ତ୍ତନ ହେବ।


### ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5211



### ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/24-25/E-Tender/24,ତା.03.06.2024ରିଖ

(1) ଟେଣ୍ଡର ସଂ.eTender-EASTKUR-85-2024,ତା.29.05.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଧାନମଣ୍ଡଳ-କପିଳାସ ରୋଡ୍ ଷ୍ଟେସନ ମଧ୍ୟରେ ଅପ୍ ଏବଂ ଡାଉନ୍ ଲାଇନ୍‌ରେ କଟ୍ ଏବଂ କଭର ପ୍ରଣାଳୀ ଦ୍ୱାରା 18 ଗୋଟି ପୋଲଗୁଡ଼ିକର RCC ବାକ୍ସ ପୋଲରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନର୍ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 577.99 ଲକ୍ଷ, EMD (ଟଙ୍କାରେ) : 4,39,000/-।

(2) ଟେଣ୍ଡର ସଂ.e-Tender-CENTKUR-90-2024,ତା.31.05.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଢେଙ୍କାନାଳ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସାଲୋ ସ୍କ୍ରିନିଙ୍ଗ, ଟ୍ରାକ୍‌ର ଲିଫ୍ଟିଙ୍ଗ, ଥ୍ରୁ ପ୍ୟାକିଙ୍ଗ, ରେଳ ଜଏଣ୍ଟଗୁଡ଼ିକର ୱେଲ୍ଡିଙ୍ଗ, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଟାମ୍ପିଙ୍ଗ୍ କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକର ଓଭରହଲିଙ୍ଗ, ବାଲାଷ୍ଟର ବକ୍ସିଙ୍ଗ ଏବଂ ପ୍ରୋଫାଇଲିଙ୍ଗ, ରେଲ ଏବଂ ସ୍ଲିପରଗୁଡ଼ିକର ସମୟାନୁସାର ନବୀକରଣ ଭଳି ବିବିଧ P.Way କାର୍ଯ୍ୟ ତଥା ଅନ୍ୟ P.Way ସମ୍ପର୍କିତ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 202.86 ଲକ୍ଷ, EMD (ଟଙ୍କାରେ) : 2,51,400/-।

(3) ଟେଣ୍ଡର ସଂ.etendernorthkur-91-2024,ତା.31.05.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଉତ୍ତର ସେକ୍ସନ ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ୱାଟର ବୁଥ୍ ତଥା ପ୍ରିକାଷ୍ଟ RCC ବେଞ୍ଚଗୁଡ଼ିକର ବ୍ୟବସ୍ଥା ଏବଂ 7 ଗୋଟି ବିଭିନ୍ନ ଷ୍ଟେସନଗୁଡ଼ିକରେ ପ୍ଲାଟଫର୍ମର ସଂପ୍ରସାରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 1592.33 ଲକ୍ଷ, EMD (ଟଙ୍କାରେ) : 9,46,200/-।

(4) ଟେଣ୍ଡର ସଂ.e-tender-hq-kur-92-2024,ତା.31.05.2024ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ପୁରୀ ୟାର୍ଡ଼ ଠାରେ ସଣ୍ଟିଙ୍ଗ ନେକ୍-I,II,III ଏବଂ କି.ମି.496/22-499/0, R/1A ଠାରୁ R/19, R/25 ଠାରୁ R/27 ପର୍ଯ୍ୟନ୍ତ ବିବିଧ P.Way କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 244.73 ଲକ୍ଷ, EMD (ଟଙ୍କାରେ) : 2,72,400/-।

(5) ଟେଣ୍ଡର ସଂ.Tender-CenKUR-93-2024,ତା.31.05.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାରଙ୍ଗ-ରାଜଆଠଗଡ଼ ସେକ୍ସନ ମଧ୍ୟରେ ପୋଲ ନଂ.22 ଅପ୍‌ରେ ଚେକର୍ଡ ପ୍ଲେଟ୍‌ଗୁଡ଼ିକର ନବୀକରଣ ଏବଂ କଟକ-ଭୁବନେଶ୍ୱର ସେକ୍ସନ ମଧ୍ୟରେ ପୋଲ ନଂ.559 (ଅପ୍ ଏବଂ ଡାଉନ୍)ରେ "H" ବିମ୍ ସ୍ଲିପର ଦ୍ୱାରା ବର୍ତ୍ତମାନର 578 ଗୋଟି ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ ବ୍ରିଜ୍ ଚ୍ୟାନେଲ ସ୍ଲିପର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 273.11 ଲକ୍ଷ, EMD (ଟଙ୍କାରେ) : 2,86,600/-।

ଶେଷ ହେବା ଅବଧି : 18 ମାସ (କ୍ରମ ସଂ.1 ପାଇଁ), 11 ମାସ (କ୍ରମ ସଂ.2 ପାଇଁ) ଏବଂ 12 ମାସ (କ୍ରମ ସଂ.3,4 ଏବଂ 5 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.21.06.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-205/P/24-25



### ଇଣ୍ଡିଆନ୍ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା, ଶ୍ରୀ କ୍ରିଷ୍ଣା ବିହାର ଚୌକ, ମେନ୍ ରୋଡ୍, ଆମ୍ବପୁଆ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୧୧

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେଉଥିବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ଆସନ୍ତା ତା.୨୪.୦୬.୨୦୨୪ (ସୋମବାର) ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ ନ କରନ୍ତି ତାହାହେଲେ ଆସନ୍ତା ତା.୨୫.୦୬.୨୦୨୪ (ମଙ୍ଗଳବାର) ଅପରାହ୍ନ ୪.୦୦ ଘଟିକା ସମୟରେ ବ୍ୟାଙ୍କର ସମ୍ପୃକ୍ତ ଶାଖା ଗୃହ ପରିସରରେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ପ୍ରକାଶ୍ୟ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବନାହିଁ। ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଟ.୨,୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ। ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ଦେବାକୁ ଅକ୍ଷମ ହୁଅନ୍ତି, ତାହାହେଲେ ତାଙ୍କ ଅମାନତ ଜମା ଟଙ୍କା ବାଜ୍ୟାପ୍ତି କରାଯିବ। ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ। ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ।

| କ୍ର. ନଂ. | ସୁନା ଋଣ ଆକାଉଣ୍ଟ ନଂ. / ଋଣ ପ୍ରଦାନ ତାରିଖ / ବକେୟା ପରିମାଣ | ଋଣଗ୍ରହୀତାମାନଙ୍କ ନାମ | ମୋଟ ଓଜନ (ଗ୍ରାମ) |
|---|---|---|---|
| ନୟାଗଡ ଶାଖା, ଯୋଗାଯୋଗ ନଂ.: ୯୯୯୩୧୬୨୯୨୯ | | | |
| ୧. | ୭୦୨୭୨୦୭୨୯୦ / ୧୧.୦୬.୨୦୨୧ / ଟ.୫୪,୧୩୮/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | କପିଳ ଚରଣ ପଟ୍ଟନାୟକ | ୨୧.୨୦ |
| ୨. | ୬୯୫୮୧୭୮୨୫୪ / ୧୦.୧୨.୨୦୨୦ / ଟ.୪୩,୨୭୪/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ଦେବାଶିଷ ନାୟକ | ୧୮.୫୦ |
| ୩. | ୭୧୮୩୬୦୪୪୧୩ / ୨୩.୦୩.୨୦୨୨ / ଟ.୩୩,୨୪୯/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ପ୍ରତାପ କୁମାର ମହାନ୍ତି | ୧୯.୫୦ |
| ୪. | ୬୩୨୭୪୧୪୩୪୦ / ୩୦.୦୩.୨୦୧୫ / ଟ.୪୭,୦୭୪/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ଭଗବାନ ସୁବୁଦ୍ଧି | ୨୫.୫୦ |
| କଞ୍ଚଣା ଶାଖା, ଯୋଗାଯୋଗ ନଂ.: ୯୮୦୪୪୯୩୧୯୮ | | | |
| ୧. | ୬୯୬୩୦୭୩୬୮୪ / ୨୨.୧୨.୨୦୨୦ / ଟ.୫୪,୦୫୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ସୁମିତ୍ରା ପଲେଇ | ୨୯.୪୦ |
| ୨. | ୬୯୬୫୩୪୪୩୯୫ / ୨୯.୧୨.୨୦୨୦ / ଟ.୪୩,୬୯୮/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ନକୁଳ ପ୍ରଧାନ | ୧୬.୨୦ |
| ଭବାନୀପାଟଣା ଶାଖା, ଯୋଗାଯୋଗ ନଂ.: ୯୫୫୬୦୪୧୫୯୧ | | | |
| ୧. | ୭୪୩୫୨୧୮୦୧୬ / ୨୨.୦୨.୨୦୨୩ / ଟ.୩୪,୨୪୧/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ଅର୍ଣ୍ଣ ମାଝୀ | ୧୨.୫୦ |
| କଲେଜ ରୋଡ୍ ନୟାଗଡ ଶାଖା, ଯୋଗାଯୋଗ ନଂ.:୯୩୩୭୬୬୫୭୨୫ | | | |
| ୧. | ୭୪୪୭୪୭୨୨୫୦ / ୦୭.୦୩.୨୦୨୩ / ଟ.୪୩,୧୦୮/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ଶ୍ୟାମବନ୍ଧୁ ଗଉଡୁ | ୧୫.୧୦ |
| କୋର୍ଟପେଟା ଶାଖା, ଯୋଗାଯୋଗ ନଂ.: ୮୯୮୧୮୦୧୪୬୨ | | | |
| ୧. | ୭୪୦୯୬୬୯୭୦୬ / ୨୪.୦୧.୨୦୨୩ / ଟ.୩୧,୨୨୯/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ସୁନେଲି ଦଲେଇ | ୧୫.୫୦ |
| ଖଲ୍ଲିକୋଟ ଶାଖା, ଯୋଗାଯୋଗ ନଂ.: ୯୪୩୮୧୪୫୯୪୭ | | | |
| ୧. | ୭୦୦୧୨୪୮୦୦୦ / ୧୯.୦୩.୨୦୨୧ / ଟ.୫୩,୨୪୫/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ଟିଟୁ ଭୂୟାଁ | ୩୧.୫ |
| ୨. | ୬୯୬୬୩୨୦୨୪୭ / ୩୦.୧୨.୨୦୨୦ / ଟ.୫୪,୦୪୨/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ସଞ୍ଜୟ ପଣ୍ଡା | ୨୮.୫ |

ତାରିଖ: ୧୫.୦୬.୨୦୨୪
ସ୍ଥାନ: ବ୍ରହ୍ମପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**INDUSIND BANK LTD (CFD) VEHICLE FOR SALE WHERE AS IT IS BASIS**

**Deal No.-Registration No.-Vehicle Model**
OCA01184D-OD35D9966-A L 3718 10X2 HAULAGE 6600MM 260WB BS IV
OSR00982C-OD14AB6515-MARUTI ALTO K10C VXI BS VI
OBC02147G-OD05AV7608-APE CITY PASSENGER - DIESEL
OBC02261G-OD04R1767-APE XTRA LDX PU BS VI
OBC02373G-OD29K0846-ATUL GEM CARGO (D) BS VI
OBT00371G-OD34K9906-BAJAJ RE 445 COMPACT DIESEL
OBT00639G-OD04M2007-PIAGGIO NUOVO XLD X BS IV
OCB06928G-OD02BC4809-TATA ACE GOLD BS IV
OCB06990G-OD33X6580-PIAGGIO APE XTRA NUOVO BS IV
OCC04922G-OD05AP6431-MAHINDRA ALFA DX PASSENGER DIESEL
OCH00280G-OD25G3519-MAHINDRA ALFA DX PASSENGER DIESEL
OCH00425G-OD02BX4591-MAHINDRA SUPRO PROFITTRUCK MAXI LX BS 6
OLR00923G-OD09Q1184-TATA ACE HT HIGH DECK BS IV
OSJ02036G-OD10U5303-MAHINDRA ALFA DX DIESEL BS VI
OSR01568G-OD16E9542-APE PIAGGIO DIESEL AR 3STR 150CC
OSS01706G-OD15V2942-APE AUTO DX BS VI
OCC05021G-OD05AS0054-BAJAJ MAXIMA Z DIESEL BS IV
OCC05292G-OD05AV0940-ATUL GEMINI DZ
OCK00472G-OD33Y6960-APE CITY PASSENGER - CNG
OBC02324G-OD29J6950-ATUL GEM 3P (D) BS VI
OBP00867G-OD02CD3055-PIAGGIO APE CITY+ DIESEL BS VI
OCB06372G-OD33R0380-APE CITY PASSENGER - DIESEL
OCO02075G-OD07AD4187-PIAGGIO APE XTRA LD BS IV
OCO02150G-OD07AL3495-APE AUTO DXL BS VI
OLR01638G-OD09W5656-APE AUTO DX BS VI
OSS01697G-OD03X3657-ATUL GEM 3P (D) BS VI
OBC02365G-OD29K0426-APE XTRA LDX PU BS VI
OCC04980G-OD33X5231-BAJAJ RE MAXIMA Z CNG BS IV
OCC05406G-OD05AV9795-ATUL GEM PREMIUM 3P CNG BSIV

**INDUSIND BANK LTD (CFD),** 1st Floor, Manorama Chambers, Manorama Estates, Rasulgarh, Bhubaneswar-751010, TEL: 0674-2548393

VALID FOR 7 DAYS FROM THE DATE OF PUBLICATION



**MUNICIPAL COLLEGE, ROURKELA**

**WALK-IN-INTERVIEW**

**No 1164/MCR** **Dt.14.06.2024**

A walk-in-interview for engagement of Guest Faculties for the **session 2024-25** in Commerce, English, Hindi, History, Odia, Physics, Chemistry, Botany, Zoology, Env Sc., Mathematics, Sociology, Education, Economics and Lab Assts in Physics, Chemistry, Zoology and Botany shall be held **on 22.06.2024 at 10.00 AM** in the office of the undersigned. For details please visit our website **www.municipalcollegerkl.com.**

**Sd/- Principal**










₹4.00 RNI No. ORIORI/2003/11342
Postal Regd. No. BN/140/21/23



କେବଳ ନିଛକ ସତ୍ୟ

# ସୂର୍ଯ୍ୟପ୍ରଭା
SURYAPRAVA




ଭାଗ ୨୩, ସଂଖ୍ୟା ୧୯୮, ଶନିବାର ୧୫ ଜୁନ, ୨୦୨୪ ଭୁବନେଶ୍ୱର www.suryaprava.co.in SATURDAY 15 JUNE 2024 Bhubaneswar ୮ ପୃଷ୍ଠା ମୂଲ୍ୟ ୪ଟଙ୍କା

# ଆକ୍ସନ ମୋଡ଼ରେ ମୋହନ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

‘ଲୋକଙ୍କ ପାଖକୁ ଯିବି । ସମସ୍ୟା ବୁଝିବି । କ’ଣ ସବୁ ଆହ୍ୱାନ ରହିଛି ତାହା ଅନୁଧ୍ୟାନ କରିବି । ଆପଣମାନେ ସବୁ ମୁହୂର୍ତ୍ତରେ ସଜାଗ ରୁହନ୍ତୁ । କାମରେ ଢ଼ିଲା କଲେ କାର୍ଯ୍ୟାନୁଷ୍ଠାନ ।’ ଆକ୍ସନ ମୋଡ଼ରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ରୋକଠୋକ୍ ଶୁଣାଇ ଦେଇଛନ୍ତି । ଚବିଶ ବର୍ଷର ଫର୍ମାଟ ବଦଳୁଥିବାରୁ ଏବେ ପ୍ରଶାସନ ବି ଚଳଚଞ୍ଚଳ ହୋଇଯାଇଛି । ଅପରପକ୍ଷରେ ଲୋକମାନଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ୟା ବୁଝିବା ସହ ସମାଧାନର ବାଟ ବାହାର କରୁଥିବା ଦେଖିବାକୁ ମିଳିଛି ।

➯ ସ୍ଥିତି ପରଖୁଛନ୍ତି ନୂଆ ସରକାର
➯ ଚଳଚଞ୍ଚଳ ପ୍ରଶାସନିକ କଳ

ଜୁନ୍ ୧୨ରେ ଶପଥ ଗ୍ରହଣ କରିଥିଲେ ମୁଖ୍ୟମନ୍ତ୍ରୀ । ସେହିଦିନ କ୍ୟାବିନେଟ ବୈଠକରେ ୪ଟି ବଡ଼ ନିଷ୍ପତ୍ତି ବି ନିଆଯାଇଥିଲା । ବିଜେପିର ଇସ୍ତାହାର ଓ ନିର୍ବାଚନୀ ପ୍ରତିଶ୍ରୁତିକୁ ପ୍ରଥମ ଦିନରୁ ହିଁ ପାଳନ କରାଯାଇଥିଲା । କ୍ୟାବିନେଟ୍ ବୈଠକ ଚାଲିଥିବାବେଳେ ସାମ୍ବାଦିକମାନଙ୍କ ପାଇଁ ଲୋକସେବା ଭବନର ଫାଟକ ଖୋଲି ଦିଆଯାଇଥିଲା । ଦ୍ୱିତୀୟ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ଚାରି ଦୁଆର■ ଇପୃଷ୍ଠାରେ...

## ଖୁବଶୀଘ୍ର ବିଭାଗ ବଣ୍ଟନ : ମୁଖ୍ୟମନ୍ତ୍ରୀ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

ଖୁବଶୀଘ୍ର ମନ୍ତ୍ରୀମାନଙ୍କୁ ବିଭାଗ ଆବଣ୍ଟନ କରାଯିବ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ଓ ୨ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ୮ କ୍ୟାବିନେଟ ମନ୍ତ୍ରୀ ଓ ୫ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଥିଲେ । ଶପଥ ନେବାର ଦୁଇ ଦିନ ବିତି ଯାଇଥିଲେବି ଏଯାଏଁ ମନ୍ତ୍ରୀମାନଙ୍କୁ ବିଭାଗ ମିଳିନାହିଁ । ଯାହାକୁ ନେଇ ରାଜନୀତିକ ମହଲ ଓ ପାୱାର କରିଡ଼ରରେ ଜୋରଦାର ଚର୍ଚ୍ଚା ହେଉଛି । ଏନେଇ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଖୁବଶୀଘ୍ର ସରକାର ଏନେଇ ନିଷ୍ପତ୍ତି ନେବେ । ଏନେଇ ସମସ୍ତଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ । ଫଳରେ ଦିନେ ଦୁଇଦିନ ଭିତରେ ମନ୍ତ୍ରୀମାନଙ୍କୁ ବିଭାଗ ମିଳିଯିବ ବୋଲି ଆଶା କରାଯାଉଛି ।




# ସ୍ନାନପୂର୍ଣ୍ଣିମା ନୀତି ନିର୍ଘଣ୍ଟ

॥ ପ୍ରଭାନ୍ୟୁଜ୍ ॥ ପୁରୀ, ୧୪।୬

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ କରାଯାଇଛି । ଏହି ବୈଠକରେ ରାଜେନ୍ଦ୍ରାଭିଷେକ ନୀତି ଠାରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ନେଇ ସବିଶେଷ ଆଲୋଚନା କରାଯିବା ସଙ୍ଗେସଙ୍ଗେ ନୀତି ନିର୍ଘଣ୍ଟ ଅନୁମୋଦିତ ହୋଇଛି । ଦେବସ୍ନାନ ପୂର୍ଣ୍ଣିମାର ବ୍ୟବସ୍ଥାବଳୀ ସଂପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ପହଣ୍ଡି ବିଜେ, ଜଳ ବିଜେ, ସ୍ନାନ ନୀତି ଓ ଗଜାନନ ବେଶ ଆଦି ନୀତି ସଂପର୍କରେ ଆଲୋଚନା କରାଯିବା ସହ ନୀତି ନିର୍ଘଣ୍ଟ କରାଯାଇଥିଲା । ବୈଠକରେ ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ, ଚମ୍ପକଦ୍ୱାଦଶୀ, ଦଇତାପତି ପ୍ରବେଶ, ସେନାପଟା ଲାଗି ଓ ଦେବସ୍ନାନ ପୂର୍ଣ୍ଣିମାର ବିବିଧ ନୀତି ନିର୍ଘଣ୍ଟ ଅନୁମୋଦିତ ହୋଇଥିଲା । ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତି ହେବବୋଲି ସେବାୟତମାନେ ପ୍ରକାଶ କରିଥିଲେ । ଏହି ଅବସରରେ ରାଜ୍ୟର ନୂତନ ବିଜେପି ସରକାର

➢ ସରକାରଙ୍କୁ ଧନ୍ୟବାଦ ଦେଲେ ଛତିଶା ନିଯୋଗ
➢ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କା କର୍ପସ ଫଣ୍ଡ ବ୍ୟବସ୍ଥା କରିଥିବାରୁ ଛତିଶା ନିଯୋଗ ବୈଠକରେ ତାହାକୁ ସ୍ୱାଗତ କରାଯାଇଥିଲା । ସେହିଭଳି ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ଭକ୍ତଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିଥିବାରୁ ଆନନ୍ଦ ପ୍ରକାଶ କରାଯାଇଥିଲା । ତେବେ ଶୃଙ୍ଖଳିତ ଦର୍ଶନ ନେଇ ବୈଠକରେ କୌଣସି ଆଲୋଚନା ହୋଇନଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ କହିଛନ୍ତି ।

ଚଳିତ ମାସ ୨୨ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ ଶ୍ରୀ ଜୀଉଙ୍କ ଦେବସ୍ନାନ ପୂର୍ଣ୍ଣମୀ। ଶ୍ରୀମନ୍ଦିର ବେଢ଼ା ସ୍ଥିତି ସ୍ନାନବେଦୀରେ ୧୦୮ ଗଡୁ ସୁଶୀତଳ, ସୁଗନ୍ଧିତ ଜଳରେ ସ୍ନାନ କରିବା ସହ ହାତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି । ସ୍ନାନଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ■ ଇ ପୃଷ୍ଠାରେ...

# ୧୭ରୁ ବର୍ଷା



॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

ଏବେବି କୋରାପୁଟ ଓ ମାଲକାନାଗିରିରେ ସକ୍ରିୟ ରହିଛି ମୌସୁମୀ । ଫଳରେ ରାଜ୍ୟର ଅନ୍ୟ ଅଞ୍ଚଳରେ ବିଶେଷ ବର୍ଷା ହେଉନାହିଁ । ଅପରପକ୍ଷରେ ତାତି ବି ଅସ୍ତବ୍ୟସ୍ତ କରିପକାଉଛି । ଏସବୁ ଭିତରେ ଭାରତୀୟ ପାଣିପାଗ ବିଭାଗ ଖୁସି ଖବର ଦେଇଛି । ତିନି ଚାରିଦିନ ମଧ୍ୟରେ ମୌସୁମୀ ଅଗ୍ରଗତି କରିବା ସହ ସାରା ରାଜ୍ୟରେ ସକ୍ରିୟ ହେବ । ଫଳରେ ୧୭ରୁ ବର୍ଷା ହେବା ସହ ତାତିରୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି ।

## ସକ୍ରିୟ ହେବ ମୌସୁମୀ

ଆଇଏମଡ଼ିର ସୂଚନା ଅନୁଯାୟୀ, ମୌସୁମୀର ଅଗ୍ରଗତି ପାଇଁ ଅନୁକୂଳ ପରିବେଶ ସୃଷ୍ଟିହୋଇଛି । ଆଗାମୀ କିଛି ଦିନ ମଧ୍ୟରେ ଏହା ମହାରାଷ୍ଟ୍ର, ଛତିଶଗଡ଼, ଓଡ଼ିଶା, ଉପକୂଳ ଆନ୍ଧ୍ରପ୍ରଦେଶ, ଉତ୍ତର ପୂର୍ବ ବଙ୍ଗୋପସାଗର ଆଡ଼ି ଅଞ୍ଚଳକୁ ଗତି କରିବ । ଆଜି ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜ, ବୌଦ୍ଧ ଓ ନୂଆପଡ଼ାରେ ଗ୍ରୀଷ୍ମଲହର ଅନୁଭୂତ ହୋଇଛି । କେନ୍ଦୁଝରରେ କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇଥିବାବେଳେ ବଲାଙ୍ଗୀର ଓ କେନ୍ଦୁଝରରେ ରାତି ତାତି ବି ବୃଦ୍ଧିପାଇଛି । ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା ଓ ବଲାଙ୍ଗୀରରେ ଝଡ଼ବର୍ଷା ହେବା ସହ ୩୦ରୁ ୪୦ କିମି ବେଗରେ■ ଇ ପୃଷ୍ଠାରେ...

## ଶପଥ ନେଲେ କାମଚଳା ବାଚସ୍ପତି

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

କାମଚଳା ବାଚସ୍ପତି ଭାବେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶପଥ ନେଇଛନ୍ତି । ରାଜ୍ୟପାଳ ରଘୁବାର ଦାସ ତାଙ୍କୁ ଶପଥ ପାଠ କରାଇଛନ୍ତି । ଶ୍ରୀ ସ୍ୱାଇଁ ବିଧାନସଭାକୁ ଅଷ୍ଟମ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ସାଧାରଣତଃ ବରିଷ୍ଠ ବିଧାୟକଙ୍କୁ କାମଚଳା ବାଚସ୍ପତି କରାଯାଇଥାଏ । ଆସନ୍ତା ୧୮ ଓ ୧୯ରେ ନୂଆ ବିଧାୟକମାନେ ଶପଥ ପାଠ କରିବେ । ଶ୍ରୀ ସ୍ୱାଇଁ ସେମାନଙ୍କୁ ଶପଥ ପାଠ କରାଇବେ । ଜୁନ୍ ୨୦ରେ ବାଚସ୍ପତି ନିର୍ବାଚନ ହେବ । ବରିଷ୍ଠ ■ ଇ ପୃଷ୍ଠାରେ...

# ସବୁ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ : ମୁଖ୍ୟମନ୍ତ୍ରୀ



ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଜୟୀ ରାଜଗୁରୁ, ଆମ୍ବେଦକର, ଆରଏନ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ମୋହନ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

ଦେଶର ସ୍ୱାଧୀନତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସହ ଓଡ଼ିଆ ଅସ୍ମିତାର ଉତଥାନରେ ବରପୁତ୍ରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ରାଜ୍ୟ ସରକାରଙ୍କ ସବୁ କାର୍ଯ୍ୟକ୍ରମରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି । ମିଉଜିୟମ୍ ଛକଠାରେ ■ ଇ ପୃଷ୍ଠାରେ...

# ଓଲଟିଲା ପିକଅପ, ୨ ପାନ ଚାଷୀ ମୃତ

॥ ପ୍ରଭାନ୍ୟୁଜ॥ କାକଟପୁର, ୧୪।୬

ପହିଲି ରଜରେ ଆସିଛି ଦୁଃଖଦ ଖବର । ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ଦୁଇଜଣ ପାନ ଚାଷୀ । ଏଥିସହିତ ଆହତ ହୋଇଛନ୍ତି ୧୪ ଜଣ । ଆଜି ସକାଳୁ କାକଟପୁର ନୟାହାଟ ରୋଡ଼ର ଜଗନ୍ନାଥପୁର ଛକରେ ଘଟିଛି ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଅସ୍ତରଙ୍ଗ ବ୍ଲକ ଅଧୀନସ୍ଥ ଛଇତନାରୁ ଏକ ମହିନ୍ଦ୍ରା ପିକଅପ ଭ୍ୟାନରେ ଛଇତନା ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୧୬ ଜଣ ପାନ ପାନଚଷୀ ପିପିଲି ହାଟକୁ ଯାଉଥିବା ସମୟରେ କାକଟପୁର ନୟାହାଟ ରାସ୍ତାର ଜଗନ୍ନାଥପୁର ଛକ ନିକଟରେ ହଠାତ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଗାଡି ଉପରେ ବସିଥିବା ପାନଚଷୀଙ୍କ ମଧ୍ୟରୁ ଛଇତନା ଗ୍ରାମର ଯୋଗେନ୍ଦ୍ର ସାହୁ (୫୨) ଏବଂ କେନ୍ଦ୍ରାପଟି ଗ୍ରାମର ଶରତ ଚନ୍ଦ୍ର ସାହୁ (୫୮)ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ମାନଙ୍କୁ ସ୍ଥାନୀୟ ଲୋକ ଏବଂ କାକଟପୁର ପୁଲିସର ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଚରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି । କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ଆହତ ମାନଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ସହଯୋଗ କରିଛନ୍ତି ।

# କୁଏତ ଅଗ୍ନିକାଣ୍ଡ: ୨ ଓଡ଼ିଆ ମୃତ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର, ୧୪।୬

କୁଏତରେ ଭୟାବହ ଅଗ୍ନିକାଣ୍ଡରେ ଯାଇଛି ୨ ଓଡିଆଙ୍କ ଜୀବନ । ସେମାନେ ହେଲେ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ । ଜହୁରଙ୍କ ଘର କଟକ ତିଗିରିଆ ଥାନା କରଡାପଲ୍ଲୀ ଗାଁରେ । ଜହୁର କୁଏତରେ ୨୦୧୭ ମସିହାରୁ ଲାବରୋଟାରୀ ଟେକନିସିଆନ୍ ଭାବେ କାର୍ଯ୍ୟ କରୁଥିଲେ । ଛୁଟିରେ ଆସି ଗତ ମେ’ ମାସରେ ସେ ପୁଣି କୁଏତକୁ ଯାଇଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ଭାଙ୍ଗିପଡିଛନ୍ତି ପରିବାର ଲୋକେ । ସେହିପରି ଅନ୍ୟତମ ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗାଁର ସନ୍ତୋଷ ଗୌଡ । ସେ ଦୁଇ ବର୍ଷ ପୂର୍ବେ କୁଏତ ଯାଇଥିବା ବେଳେ ଗତ ମାର୍ଚ୍ଚ ମାସରେ ତାଙ୍କର ବାପାଙ୍କ ହାର୍ଟ ଅପରେସନ ପାଇଁ ଘରକୁ ଆସିଥିଲେ । ତେବେ ଏପ୍ରିଲ ମାସରେ ପୁଣି କୁଏତ ଫେରିଯାଇଥିଲେ । ସନ୍ତୋଷଙ୍କ ମୃତ୍ୟୁ ଖବର ଶୁଣି ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଦୁଇ ଜଣ ଓଡିଆଙ୍କ ମୃତ୍ୟୁରେ ଦୁଃଖପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି- କୁଏତରେ ଭୟାବହ ଅଗ୍ନିକାଣ୍ଡରେ ଅନେକ ଲୋକଙ୍କ ପ୍ରାଣ ହାନି ଘଟିଛି । ଏଥିରେ ୨ ଓଡ଼ିଆ ପୁଅ ମହମ୍ମଦ ଜହୁର ଓ ସନ୍ତୋଷ ଗୌଡ଼ଙ୍କ ଦେହାନ୍ତ ଖବର ଅତ୍ୟନ୍ତ ଦୁଃଖଦାୟକ । ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । କୁଏତରେ ଭୟାବହ ଅଗ୍ନିକାଣ୍ଡରେ ୪୯ ଜଣଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ୪୫ ଜଣ ଭାରତୀୟ ଅଛନ୍ତି । ସେମାନଙ୍କ ମଧ୍ୟରୁ କେରଳରୁ କେବଳ ୨୦ ଜଣ ଅଛନ୍ତି । ସମସ୍ତଙ୍କ ମୃତଦେହ ଆଜି ଆସି କେରଳର କୋଚ଼ିରେ ପହଞ୍ଚିଛି ।

## ପୋଖରୀରେ ବୁଡି ମା’ଝିଅଙ୍କ ମୃତ୍ୟୁ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର, ୧୪।୬: ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୂଜାରୀ ଭରଣ୍ଡି ଗାଁରେ ପୋଖରୀରେ ବୁଡି ମାଆଝିଅଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଉଛନ୍ତି, ଗୀତା କଲାର (୩୨) ଓ କରିସ୍ମା କଲାର (୭) । ଆଜି ସକାଳ ପ୍ରାୟ ୧୦ଟା ବେଳେ ଗୀତା ଓ ତାଙ୍କ ଝିଅ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ବେଳେ କରିସ୍ମା ପ୍ରଥମେ ବୁଡି ଯାଇଥିଲେ । ଝିଅକୁ ବଞ୍ଚାଇବାକୁ ଯାଇ ମାଆ ଗୀତା ମଧ୍ୟ ବୁଡି ଯାଇଥିଲେ । ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଗୀତା କଲାରଙ୍କ ସମ୍ପର୍କୀୟ ସୁପ୍ରସାଦ କଲାର କହିଛନ୍ତି ଯେ ତାଙ୍କ ଘରେ ବୋରୱେଲ ଅଛି । ତାଙ୍କ ଘରର କୌଣସି ମହିଳା କି ଛୁଆ ପୋଖରୀକୁ ଗାଧୋଇବାକୁ ଆସନ୍ତି ନାହିଁ । କେବଳ ପୁରୁଷ ସଦସ୍ୟମାନେ ଆସନ୍ତି । ଆଜି ସେମାନେ କେମିତି ଏଠାକୁ ଗାଧୋଇବାକୁ ଆସିଲେ କେଜାଣି ।

## ହଂକଂକୁ ଟପିଲା ଭାରତ

### ବିଶ୍ୱର ଚତୁର୍ଥ ବୃହତମ ସେୟାର ବଜାର

॥ ପ୍ରଭାନ୍ୟୁଜ॥ ମୁମ୍ବାଇ, ୧୪।୬: ପୁଣି ଥରେ ହଂକଂକୁ ଟପିଲା ଭାରତୀୟ ସେଆର ବଜାର । ଚ଼ଳିତ ବର୍ଷ ଦ୍ୱିତୀୟ ଥର ପାଇଁ ହଂକଂ ସେଆର ବଜାରକୁ ପଛରେ ପକାଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବିଏସଇ ବିଶ୍ୱର ଚ଼ତୁର୍ଥ ବୃହତମ ସେଆର ବଜାର ହୋଇଛି । ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ବିଏସଇ ଅଧୀନରେ ଆସୁଥିବା କମ୍ପାନୀଗୁଡ଼ିକର■ ଇ ପୃଷ୍ଠାରେ...

# ଜନତାଙ୍କ ସହ ରଜ ପାଳିଲେ ମୁଖ୍ୟମନ୍ତ୍ରୀ

⏭ ଓଡିଆ ଅସ୍ମିତା, ଅସ୍ତିତ୍ୱ ଓ ପରମ୍ପରାକୁ ଆମେ ଭୁଲିନୁ : ମୁଖ୍ୟମନ୍ତ୍ରୀ
⏭ କଥା ଓ କାମରେ ଓଡିଆ ଅସ୍ମିତା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ
⏭ ଫୁଲ ଗଛରେ ପାଣି ଦେଲେ, ପୋଡପିଠା, ରଜ ପାନ ଖାଇଲେ, ପିଲାଙ୍କୁ ଦୋଳି ଖେଳାଇଲେ
⏭ ରାସ୍ତାର ଉଭୟ ପାର୍ଶ୍ୱରେ ଜନତା ଦେଲେ ସମ୍ବର୍ଦ୍ଧନା
⏭ ପିଲାଙ୍କ ଠାରୁ ଫୁଲ ନେଲେ, ସେଲ୍ଫି ଉଠାଇଲେ

॥ ପ୍ରଭାନ୍ୟୁଜ॥ ଭୁବନେଶ୍ୱର,୧୪।୬

ସମୟ ଥିଲା ଅପରାହ୍ନ । ରାଜ୍ୟ ସଂଗ୍ରହାଳୟରେ ହଜାର ହଜାର ପୁଅ, ଝିଅ ଓ ଦର୍ଶକମାନଙ୍କ ଭିଡ । ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟରେ ଭରି ଉଠୁଥିଲା ସଂଗ୍ରହାଳୟ ପରିସର । ଏହି ସମୟରେ ଆସି ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ହୁଳହୁଳି, କରତାଳି ଓ ପାରମ୍ପରିକ ନୃତ୍ୟବାଦ୍ୟର ତାଳେତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଯାଇଥିଲେ ସାଧାରଣ ଜନତା ।

ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ସାଧାରଣ ଲୋକଙ୍କ ସହିତ ପାଳନ କରିଥିଲେ ରଜ ମହୋତ୍ସବ । ଫୁଲ ଗଛରେ ପାଣି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ । ଜଣେ ଖାଣ୍ଟି ଓଡିଆ ଘରର ପୁଅ ଭଳି ପୋଡ ପିଠା ଖାଇଥିଲେ, ରଜ ପାନ ଖାଇଥିଲେ । ପିଲାଙ୍କୁ ଦୋଳି ମଧ୍ୟ ଖେଳାଇଥିଲେ ।

ସେଠାରେ ରଜ ମହୋତ୍ସବ



ପାଳିବା ପାଇଁ ଉପସ୍ଥିତ ଥିବା ଯୁବକ, ଯୁବତୀ ଓ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେଯେ, ରଜ ମହୋତ୍ସବ ହେଉଛି ଓଡିଆ ସଂସ୍କୃତି ଓ ଅସ୍ମିତାର ଗଣପର୍ବ । ନୂଆ ସରକାର ଆସିବା ପରେ ସଂସ୍କୃତି ବିଭାଗ ପକ୍ଷରୁ ରଜ ପର୍ବ ପାଳନ କରିବା ଏକ ସୁନ୍ଦର ଉଦ୍ୟମ ବୋଲି ସେ କହିଥିଲେ ।

ଓଡିଆ ଘରେ ରଜ ପର୍ବ ପାଳନ ସମ୍ପର୍କରେ ବର୍ଣ୍ଣନା କରି ପୁଅ, ଝିଅମାନେ କିଭଳି ନୂଆ ବସ୍ତ୍ର ପରିଧାନ କରନ୍ତି, ସମସ୍ତେ କିପରି ମିଠା ପତ୍ରରେ ତିଆରି ରଜ ପାନର ମଜା ନିଅନ୍ତି, ମା’ମାନେ କିପରି ପୋଡ ପିଠା କରି ସମସ୍ତଙ୍କୁ ଖୁଆନ୍ତି, ଗାଁ ଗହଳିରେ କିପରି ଦୋଳି ଖେଳ ଓ ତାସ ଖେଳର ମଜା ନିଅନ୍ତି ସେ ସମ୍ପର୍କରେ■ ଇ ପୃଷ୍ଠାରେ...

# ସାରା ରାଜ୍ୟ



## ରାଜ୍ୟ ସଂଗ୍ରହାଳୟରେ ରଜ ପାଳିଲେ ମୁଖ୍ୟମନ୍ତ୍ରୀ...











ବହୁ ଜନ୍ମ ଜନ୍ମାନ୍ତର ଧରି ଅନ୍ୱେଷଣ କଲେ ହିଁ ଆତ୍ମା ପରମାତ୍ମାଙ୍କ ସାନିଧ ଲାଭ କରିଥାଏ ।

## ୧୫ ଫୁଟ ତଳକୁ ଖସିଲା ଟ୍ରାକ୍ଟର, ୫ ମୃତ

॥ ଏଜେନ୍ସି ॥ ଭୋପାଳ, ୧୪।୬ : ମଧ୍ୟପ୍ରଦେଶରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଠାରେ ଏକ ଟ୍ରାକ୍ଟର-ଟ୍ରଲି ଓଲଟି ପଡ଼ିବାରୁ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୯ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ତିନିଜଣ ଗୋଟିଏ ପରିବାରର ବୋଲି କୁହାଯାଉଛି । ଦୁର୍ଘଟଣା ସମୟରେ ପ୍ରାୟ ୩୦ ଜଣ ଲୋକ ଟ୍ରାକ୍ଟର-ଟ୍ରଲିରେ ଯାତ୍ରା କରୁଥିଲେ । ସମସ୍ତେ ମନ୍ଦିରକୁ ଦର୍ଶନ କରିବାକୁ ଯାଉଥିଲେ । ସକାଳ ପ୍ରାୟ ୫ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପୁଲିସ ଷ୍ଟେସନ ଅଞ୍ଚଳରେ ଟ୍ରାକ୍ଟର-ଟ୍ରଲି ଓଲଟି ପଡିବାର ସୂଚନା ପାଇବା ପରେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ । ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଛି ଏବଂ ସମସ୍ତ ଆହତଙ୍କ ଉନ୍ନତ ଚିକିତ୍ସା ପାଇଁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗାଁର ପ୍ରାୟ ୨୦୦ ଲୋକ ଏକାଠି ହୋଇ ମନ୍ଦିରକୁ ଯାଉଥିଲେ । ସମସ୍ତ ୬ ଜଣ ଏକ ଟ୍ରାକ୍ଟର-ଟ୍ରଲିରେ ଏକାଠି ହୋଇଥିଲେ । ଏହି ସମୟରେ ଟ୍ରାକ୍ଟର ଟ୍ରଲି ନିୟନ୍ତ୍ରଣ ହରାଇ ୧୫ ଫୁଟ ତଳକୁ ଓଲଟି ପଡିଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ତିନି ଝିଅ ଏବଂ ଦୁଇଜଣ ମହିଳା ଅଛନ୍ତି । ସେଥିମଧ୍ୟରୁ ଦୁଇ ଝିଅ ଏବଂ ଜଣେ ମହିଳା ଗୋଟିଏ ପରିବାରର ଅଟନ୍ତି । ଏକାସାଙ୍ଗରେ ତିନି ଜଣଙ୍କ ମୃତ୍ୟୁ ହେତୁ ପରିବାରରେ ଶୋକ ପ୍ରକାଶ ପାଇଛି ।

## ଶ୍ରେଷ୍ଠ ଗୋଲରକ୍ଷକ ପୁରସ୍କାର ପାଇଲେ ଆଦିତ୍ୟ



॥ ପ୍ରଭାନ୍ୟୁଜ୍ ॥ ପାରାଦୀପ, ୧୪।୬ : ଢ଼େଙ୍କାନାଳ ଟାଉନ୍ ହକି ଷ୍ଟାଡିୟମ ଠାରେ ଗତ ବୁଧବାର ଠାରୁ ଆୟୋଜିତ ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚରେ ପିପିଏଲ, ପାରାଦୀପ ସେଣ୍ଟରର ଗୋଲକିପର ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି । ଟାଟା ହକି ଚୟନ ତଥା ବିଚାରକ ମଣ୍ଡଳୀଦ୍ୱାରା ଚୟନ କରାଯାଇ ଶ୍ରୀ ମହାରଣାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପିପିଏଲ ସାର କାରଖାନାରେ କାର୍ଯ୍ୟ କରୁଥିବା ସୁରେଶ ଚନ୍ଦ୍ର ମହାରଣାଙ୍କ ପୁଅ ଆଦିତ୍ୟ ମହାରଣା ଅଧୁନା ପିପିଏଲ ଡିଏଭି ସ୍କୁଲର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ପିପିଏଲ ଡିଏଭି, ପାରାଦୀପର ଉକ୍ତ ଦଳରେ ସାଇ ସୁରୟାନ୍ସ ଅଧିନାୟକ, ସୁମିତ୍ ଲାକ୍ରା କୋଚ୍ ଓ ଶାଶ୍ୱତ କୁମାର ଭାରତୀୟ ମ୍ୟାନେଜର ଦାୟିତ୍ୱ ସମ୍ଭାଳୁଛନ୍ତି । ଆଦିତ୍ୟଙ୍କ ଏହି ସଫଳତା ପାଇଁ ବିଭିନ୍ନ କ୍ରୀଡାନୁଷ୍ଠାନ ଗୁଡିକ ସମେତ କ୍ରୀଡାବିତମାନଙ୍କ ପକ୍ଷରୁ ତାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ସେହିଭଳି ଡିଏଭି, ପିପିଏଲର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓ ପିପିଏଲର ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଦିତ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



ରାଷ୍ଟ୍ରପତି ଭବନରେ ରଜ ପାଳିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## କୁଏତରୁ ୪୫ ମୃତଦେହ କେରଳରେ ପହଞ୍ଚିଲା

॥ ଏଜେନ୍ସି॥ କୋଚି, ୧୪।୬ : କୁଏତରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟଙ୍କ ମୃତଦେହ ନେଇ କେରଳରେ ପହଞ୍ଚିଲା ବାୟୁସେନା ବିମାନ । ଆଜି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ସମସ୍ତ ମୃତଦେହକୁ ନେଇ କେରଳରେ ପହଞ୍ଚିଛି । ସୂଚନା ଅନୁସାରେ, ଆଜି ସକାଳ ପ୍ରାୟ ୧୦.୩୦ ସମୟରେ କୋଚ୍ଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛି ମୃତଦେହ ନେଇ ଆସିଥିବା ବାୟୁସେନା ବିମାନ । ଏନେଇ କେନ୍ଦ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ସ୍ପଷ୍ଟ କରିଛନ୍ତି ।



ସେପଟେ, ବିମାନ ଅବତରଣ କରିବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟାନ କୋଚ୍ଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲେ । ଏହାପୂର୍ବରୁ କୋଚ୍ଚିନ୍ ବିମାନ ବନ୍ଦରରେ ପୁଲିସ ଏବଂ ଆମ୍ବୁଲାନ୍ସ ଦଳ ମଧ୍ୟ ନିୟୋଜିତ ହୋଇଥିଲା । ପ୍ରକାଶ ଥାଉକି, ବୁଧବାର ରାତିରେ କୁଏତରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଏକ ଛଅ ମହଲା କୋଠାରେ ନିଆଁ ଲାଗିଯିବାରୁ ୪୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୪୫ ଜଣ ଭାରତୀୟ ଥିବାବେଳେ ସର୍ବାଧିକ କେରଳର ଲୋକ ଅଛନ୍ତି । ସମସ୍ତ ମୃତକମାନଙ୍କ ବୟସ ୨୦ରୁ ୫୦ ବର୍ଷ ହେବ ବୋଲି କୁହାଯାଉଛି । ସମସ୍ତେ ଶୋଇଥିବା ସମୟରେ ରୋଷେଇ ଘରୁ ନିଆଁ ଲାଗି ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା । ମୃତକମାନେ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ । ଛଅ ମହଲା କୋଠାଟି ମଧ ଶ୍ରମିକମାନଙ୍କ ରହିବା ପାଇଁ ତିଆରି ହେଉଥିଲା । କୁଏତର ସବୁଠୁ ବଡ ନିର୍ମାଣ ସଂସ୍ଥା ଏନ୍‌ବିଟିସି ଗ୍ରୁପ୍ ଏହି କୋଠା ନିର୍ମାଣ କରୁଥିଲା ।

## ସିକିମ ପ୍ରବଳ ବର୍ଷାରେ ୬ ମୃତ

### ଫସିଛନ୍ତି ୧୫ଶହ ପର୍ଯ୍ୟଟକ

॥ ଏଜେନ୍ସି ॥ ଗ୍ୟାଙ୍ଗଟକ, ୧୪।୬ : ଭୀଷଣ ବର୍ଷା ଯୋଗୁ ସିକିମରେ ପରିସ୍ଥିତି ଅସମ୍ଭାଳ ହେଲାଣି । ଏଥିଯୋଗୁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୫ଶହ ପର୍ଯ୍ୟଟକ ସେଠାରେ ଫସି ରହିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବେ ବି ବର୍ଷା ଲାଗି ରହିଥିବାରୁ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ଦେଖାଦେଇଛି । ସିକିମର ପାହାଡିଆ ଅଞ୍ଚଳରୁ ବର୍ଷା ପାଣି ପ୍ରଖର ସ୍ରୋତରେ ତଳକୁ ଖସୁଥିବାରୁ ଏହାର ପ୍ରଖରତା ଖୁବ୍ ଅଧିକ ରହିଛି । ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ରାଜ୍ୟରୁ ସିକିମକୁ ବୁଲି ଯାଇଥିବା ପ୍ରାୟ ୧୫ଶହରୁ ଅଧିକ ପର୍ଯ୍ୟଟକ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି । ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ପଦକ୍ଷେପ ନିଆଯାଉଥିବା ସିକିମ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଏଥିଯୋଗୁ ବହୁ ସ୍ଥାନରେ ରାସ୍ତା ଓ ପୋଲ ଧୋଇ ହୋଇ ଯାତାୟତ ବନ୍ଦ ହୋଇ ଯାଇଛି । କେବଳ ସେତିକି ନୁହେଁ, ଏଥିଯୋଗୁ ବିଜୁଳି ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ମୋବାଇଲ ନେଟୱର୍କ ବି କାମ କରୁନି । ସବୁ ବର୍ଷ ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ପ୍ରବଳ କ୍ଷତି ହୋଇଥାଏ । ଏଥିଯୋଗୁ ବହୁ ଘର, ରାସ୍ତା, ପୋଲ ଆଦି ଧୋଇ ହୋଇ ଯାଇଥାଏ । ଏପରିକି ଭୂସ୍ଖଳନ ହେବାର ଆଶଙ୍କା ବି ରହିଛି । ଗତ ବର୍ଷ ଏପରି ସ୍ଥିତି ଉପୁଜି ଏକ ଡ୍ୟାମ୍ ବନ୍ଧ ଭାଙ୍ଗି ଯାଇଥିଲା, ଯେଉଁଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏବେ ହେଉଥିବା ଭୀଷଣ ବର୍ଷାଯୋଗୁ ଭୂସ୍ଖଳନ ଆଶଙ୍କା ଥିବାରୁ ସାଟେଲାଇଟ୍ ଜରିଆରେ ବହୁ ଜଳ ଭଣ୍ଡାର ଉପରେ ନଜର ରଖାଯାଇଛି । କାରଣ ସେଥିରେ ପାଣି ଫୁଲ ହେଲେ ତାହା ଖୁବ୍ ପ୍ରଖର ସ୍ରୋତରେ ତଳକୁ ବୋହିଥାଏ । ଏପରି ସମୟରେ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ଏବେ ଅରୁଣାଚଳ ପ୍ରଦେଶ ଗସ୍ତରେ ଅଛନ୍ତି । ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦେବାକୁ ସେ ଯାଇଛନ୍ତି । ମାତ୍ର ରାଜ୍ୟରେ ହେଉଥିବା ପ୍ରବଳ ବର୍ଷା ସମ୍ପର୍କରେ ସୂଚନା ପାଇ ସେ ବରିଷ୍ଠ ଅଧିକାରୀଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିସହ ପୀଡିତ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## 'ଚନ୍ଦ୍ରବଂଶୀ'ର ଅଡିଓ ଲଞ୍ଚ, ଆଜି ପ୍ରିମିୟର

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୧୪।୬: ଭୁବନେଶ୍ୱରସ୍ଥିତ ସହିଦ ନଗର ପୂଜା ମଣ୍ଡପ ପଡ଼ିଆରେ ଅନସର୍ମିସ୍ ପଡକ୍ସନର 'ଚନ୍ଦ୍ରବଂଶୀ' ଫିଲ୍ମର ଅଡିଓ ଲଞ୍ଚ ହୋଇଥିବା ବେଳେ ଆସନ୍ତାକାଲି (ଶୁକ୍ରବାର) ପ୍ରିମିୟର ସୋ ଅନୁଷ୍ଠିତ ହେବ । ରଜ ଉପଲକ୍ଷେ ରିଲିଜ୍ ହୋଇଥିବା ଏହି ସିନେମା ରାଜ୍ୟର ବିଭିନ୍ନ ହଲରେ ମୁକ୍ତିଲାଭ କରିବ । ଯୁବ ପ୍ରଯୋଜକ ପ୍ରୀତମ ସାହୁ ଏହାର ପ୍ରଯୋଜନା କରିଥିବା ବେଳେ ନବାଗତ ଯୋଡ଼ି ଯଶ-ସୁନୀଲ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି । ଅନ୍ୟପକ୍ଷରେ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ବିଶିଷ୍ଟ ଗୀତିକାର ନିଜାମଙ୍କ ପୁତ୍ର ଆସାଦ ନିଜାମ । ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ, ଅର୍ପିତା, ସ୍ୱୟଂ ପାଢ଼ୀ ପ୍ରମୁଖ କଣ୍ଠଦାନ କରିଛନ୍ତି ।



ସିନେମାଟୋଗ୍ରାଫର୍ ଗୁରୁଦାୟିତ୍ୱ ବହନ କରିଛନ୍ତି ପ୍ରତାପ ରାଉତ । ଏକ ଭିନ୍ନଧରଣର କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି । ଏହି ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଆକାଶ ଦାସନାୟକ, ରାଜ ରାଜେଶ, ପୁନମ, ଲିପ୍ସା, ଉଷସୀ ମିଶ୍ର, ଶକ୍ତି ବରାଳ, ସ୍ମିତା ମହାନ୍ତି, ଦେବୁ ବ୍ରହ୍ମା, ଦୈତାରୀ ପଣ୍ଡା, ପୀୟୂଷ ତ୍ରିପାଠୀ, ସମରେଶ ରାଉତରାୟ, ତାପସ ସରଘରିଆ ଓ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ଏହି ପ୍ରଯୋଜନା ସଂସ୍ଥା ପକ୍ଷରୁ ପୂର୍ବରୁ 'ଶେଷ ରାତି', 'ଗୁଡୁ ଗ୍ୟାଙ୍ଗଷ୍ଟାର', 'କଟକ' ଭଳି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇ ଢେର ଲୋକପ୍ରିୟତା ସାଉଁଟିଛି ।


**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5211


## ଓଭରଟେକିଂ ହେଲା କାଳ

## ଚାଲିଗଲା ୬ ଜୀବନ

॥ ଏଜେନ୍ସି ॥ ନୂଆଦିଲ୍ଲୀ, ୧୪।୬ : ଓଭରଟେକିଂ କରିବା କାଳ ହେଲା । ଏକ ଟ୍ରାକ୍ଟରକୁ ଓଭରଟେକ୍ କରୁ କରୁ ଏକ ଭ୍ୟାନ ଯାଇ ଟ୍ରକ୍‌ରେ ପିଟି ହୋଇଯାଇଥିଲା । ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା ଆଜି ଭୋରରୁ ଆନ୍ଧ୍ରପ୍ରଦେଶର ସିଥାନପଲ୍ଲି ଗ୍ରାମ ନିକଟରେ ଘଟିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ, ଏକ ଭ୍ୟାନ୍ ଆଜି ଭୋର ସମୟରେ ସିଥାନପଲ୍ଲି ଗ୍ରାମ ନିକଟରେ ଅତିକ୍ରମ କରିବା ବେଳେ କାଠ ବୋଝେଇ ଟ୍ରାକ୍ଟରକୁ ଓଭରଟେକ୍ କରିବା ଚେଷ୍ଟା କରୁଥିଲା । ମାତ୍ର ତାହା ସମ୍ଭବ ନହେବାରୁ ଦ୍ରୁତ ଗତିରେ ଥିବା ଭ୍ୟାନ୍‌ଟି ଟ୍ରକ୍ ସହ ପିଟି ହୋଇଥିଲା । ଫଳରେ ଭାରସାମ୍ୟ ହରାଇ ଟ୍ରକ୍‌ଟି ରାସ୍ତା ଉପରେ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଓ ମେଡିକାଲ ଯିବା ବାଟରେ ଜଣଙ୍କ ମୃତ୍ୟୁ ହୋଇଛି । ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡି ସବୁ ଉଦ୍ଧାର କରି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।



ବରିଷ୍ଠ ସାମ୍ବାଦିକମାନଙ୍କ ସହ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଙ୍କ ଆଲୋଚନା






Printed & Published by **Lalit Kumar Lenka, Owner Sri Bikash Swain** and Printed at **WEBLINE,** D-2/19, Sector A, Zone-D, Mancheswar Industrial Estate, Bhubaneswar - 751010, Dist Khurda, and Published at 1 Janpath, Kharvel Nagar, Bhubaneswar-01, Phone : 0674 - 2380647, 2575726, 2572745 Fax : 0674-2380555 E-mail : newsuryaprava@gmail.com Editor in chief : **Rabi Kanungo**






## ଆଜି ଦିନଟି ଆପଣଙ୍କ ପାଇଁ କେମିତି କଟିବ

**ମେଷ:** ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ।

**ବୃଷ:** ଅର୍ଥନୈତିକ ପ୍ରଗତି, ପାରିବାରିକ ସଦ୍ଭାବ, ବନ୍ଧୁଙ୍କ ସାହାଯ୍ୟ ଲାଭକରି କାମ ହାସଲ କରିବେ୍ୟ କର୍ମକ୍ଷେତ୍ରରେ ସମ୍ଭାବ୍ୟ ସମସ୍ୟାକୁ ପ୍ରତିରୋଧ କରିବାରେ ସମର୍ଥ ହେବେ ।

**ମିଥୁନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାସହ ଦାମ୍ପତ୍ୟ ସୁଖରେ ଶାନ୍ତି ଅନୁଭବ କରିବେ । ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରି ପ୍ରଚୁର ଲାଭ ପାଇବେ ।

**କର୍କଟ:** ଆଜି ଯାହା ଓ ଯେତିକି ପାଇବା କଥା ତାହା ଅବଶ୍ୟ ପାଇବାରେ କୌଣସି ଅସୁବିଧା ରହିବ ନାହିଁ । କେତେକ କାମ ସକାଶେ ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ ।

**ସିଂହ:** ରାଶ୍ୟାଧିପ ରବିଙ୍କ ଉଚ୍ଚାବସ୍ଥାନ ଯୋଗୁ ରାଜକୀୟ ଠାଣି ଆପଣଙ୍କ ପ୍ରାଧାନ୍ୟକୁ ପ୍ରକଟିତ କରିବ । କିନ୍ତୁ ସାମୟିକ ଭାବରେ ଆପଣଙ୍କ ଚିନ୍ତାଧାରାର ବିପରୀତ ହେବ ।

**କନ୍ୟା:** ଆପଣଙ୍କ କଥା ଓ କାମକୁ ବନ୍ଧୁମାନେ ପସନ୍ଦ କରିପାରନ୍ତି । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଖୁସି ହେବେ । ସାଧାରଣ କଥାକୁ ଜଟିଳ କରି ଅଯଥା ଯୁକ୍ତି ହେବ ।

**ତୁଳା:** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ପାରିବାରିକ ସନ୍ତୋଷ ଯୋଗୁ ଖୁସି ରହିବେ । ପାରିପାର୍ଶ୍ୱିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମନକୁ ଉଲ୍ଲସିତ କରିବ ।

**ବିଛା:** ଅଧିକାଂଶ କ୍ଷେତ୍ରରେ ନୀରବତା ହିଁ ଆପଣଙ୍କ ଭାବମୂର୍ତ୍ତିକୁ ବୃଦ୍ଧି କରିବ । ଯୁକ୍ତିଯୁକ୍ତ ଭାବଗର୍ଭକ ମନ୍ତବ୍ୟ ବିଜ୍ଞବ୍ୟକ୍ତିଙ୍କ ଗ୍ରହଣୀୟ ହୋଇପାରେ ।

**ଧନୁ:** ପାରିବାରିକ ସମ୍ପର୍କ ଓ ପାରିପାର୍ଶ୍ୱିକ ସମ୍ପର୍କ ବହୁତ ଭଲ ରହିବ । କର୍ମକ୍ଷେତ୍ରରେ ପ୍ରତ୍ୟେକ କାମ ସହଜରେ ହାସଲ କରିପାରିବେ । ଶରୀର ଭଲ ରହିବ ।

**ମକର:** ଆନୁଷ୍ଠାନିକ କାମରେ ସାମାଜିକ ପ୍ରତିଷ୍ଠା ବୃଦ୍ଧିପାଇବ । କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିର୍ତ୍ତନ ପରିଲକ୍ଷିତ ହେବ ।

**କୁମ୍ଭ:** ସମ୍ପର୍କୀୟଙ୍କ ସହଯୋଗରୁ ପ୍ରତ୍ୟେକ କାମକୁ ସୁବିଧାରେ ସମ୍ପନ୍ନ କରିବେ । ପୂର୍ବଭାଦ୍ର ନକ୍ଷତ୍ରର ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ରାସ୍ତା ଖୋଲିଯିବ ।

**ମୀନ:** ବିଭିନ୍ନ ଘରୋଇ ସମସ୍ୟା ମନକୁ ଭାରାକ୍ରାନ୍ତ କରିବା ହେତୁ ମନସ୍ତାପ କରିପାରନ୍ତି । ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ସୃଷ୍ଟି ହୋଇପାରେ ।

### ଇନ୍ଦ୍ରାବତୀ ପ୍ରକଳ୍ପର ବିକଳ ଚିତ୍ର

# ପରିବର୍ତ୍ତନ ଆଶା ବାନ୍ଧିଛନ୍ତି ଅଞ୍ଚଳବାସୀ

**॥ ପ୍ରଭାନ୍ୟୁଜ୍ ॥ ନବରଙ୍ଗପୁର, ୧୪।୬:** ବହୁବାର ଦାବି ତଥା ବାରମ୍ବାର ପ୍ରକଳ୍ପ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ ପରେ ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ ଅଧୀନ ଓ ଏଚପିସିର କର୍ପୋରେଟ ଢାଞ୍ଚା ମନୋମୁଖୀ ବ୍ୟବସ୍ଥାରୁ ଜଳ ସମ୍ପଦ ବିଭାଗକୁ ଆସିଲା । କିନ୍ତୁ ଢାଞ୍ଚା ବଦଳି ପାରିନି । ଉନ୍ନୟନ କାର୍ଯ୍ୟ, ମରାମତି କାର୍ଯ୍ୟ ଆଦିକୁ ଟେଣ୍ଡର ନକରିକିଛି ମୋଟା ଅଙ୍କର ପ୍ରୋସେସିଂ ଫି ବାବଦରେ ଆଦାୟ କରିବାକୁ ପାଞ୍ଚ ଲକ୍ଷରୁ କମ୍ କରି କାମ ବଣ୍ଟନ କରୁଛନ୍ତି । ମୋଟା ଅଙ୍କରେ ଟଙ୍କା ଦେଇ କାମ ଉଚ୍ଚମାନର ସମ୍ଭବ କି ? ଦୀର୍ଘ ବର୍ଷ ହେବ ଇନ୍ଦ୍ରାବତୀ ପ୍ରକଳ୍ପରେ ଆସ୍ଥାନ ଜମାଇ ବସିଥିବା ସରକାର ଅଧିକାରୀଙ୍କ ଦବଦବା ଦେଖିବାକୁ ମିଳୁଛି । ପ୍ରକଳ୍ପରେ ଆବଶ୍ୟକ ଥିବା ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ପ୍ରତି ନଜର ଅନ୍ଦାଜ କରି ଗାର୍ଡ ୱାଲ, ଡ୍ରୋନ ମରାମତି ଓ ନିର୍ମାଣକୁ ଗୁରୁତ୍ୱ ଦେଇ ଇତି ମଧ୍ୟରେ କେଟୁ ମାଧ୍ୟମରେ ଦୁଇ ବର୍ଷରେ ସାତ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମକରା ଗଲାଣି ବୋଲି ଶୁଣିବାକୁ ମିଳୁଛି । ବନ୍ଧକୁ ମୁରାନ ଓ ପଡ଼ାଗଡ ଡିଭିଜନ ଅଧୀନରେ ସଂଯୋଗକାରୀ ରାସ୍ତା ବର୍ତ୍ତମାନ ମରାମତି ଚାଲିଛି । ପୂର୍ବରୁ



ଟେଣ୍ଡର କରାଯାଇ ନିର୍ମିତ ପାଚେରୀ ନିର୍ମାଣ ବେଳେ ଫାଉଣ୍ଡେସନ ବେଳେ ଖୋଲାଯାଇଥିବା ମାଟି ପାଚେରୀ ପାର୍ଶ୍ୱରେ ହିଁ ପଡ଼ି ରହିଛି । ଏଥିପ୍ରତି ନଜର ନ ଦେଇ ଠିକାଦାରଙ୍କ ପ୍ରାପ୍ୟ ଅର୍ଥ ଦିଆଯାଇଛି । ବର୍ତ୍ତମାନ ଉକ୍ତ ମାଟି ପିଚୁ ରାସ୍ତା ଉପରକୁ ଆସି ରାସ୍ତାର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ କାମ କରାଯାଉଛି କିନ୍ତୁ ଉପଯୁକ୍ତ ତଦାରଖ କରାଯାଉନଥିବା କାର୍ଯ୍ୟସ୍ଥଳକୁ ଗଲେ ଦୃଷ୍ଟିଗୋଚର ହେଉଛି । ସହଜରେ ମରାମତି କାର୍ଯ୍ୟ ଗୁଣବତ୍ତା ବଜାୟ ରହୁନି । ରାସ୍ତାର ଉଭୟ ପାର୍ଶ୍ୱରେ ମାଟିର ସ୍ତର ରାସ୍ତା ସମାନରେ ରହୁନି । ଇନ୍ଦ୍ରାବତୀ ଡେମ ସର୍କଲ ହେବା ପର ଠାରୁ ପ୍ରକଳ୍ପରେ କୋଟି କୋଟି ଟଙ୍କାର ଗାର୍ଡ ୱାଲ୍ ଓ ଡ୍ରେନ ହେଲାଣି । କିନ୍ତୁ ଦେଖାଯାଇଛି କେଉଁଠି ବୋଲଡରରେ କରାଯାଉଛି ତ କେଉଁଠି ମେଟାଲରେ କରାଯାଉଛି । ଏପରିକି କିଛି ସ୍ଥାନରେ ପୁରୁଣା ଗାର୍ଡ ୱାଲର ପ୍ଲାଷ୍ଟ ର ଛଡ଼ାଇ ମରାମତି କରାଯାଇଛି । ଓଡ଼ିଶା ସରକାରଙ୍କ ଅନ୍ୟବିଭାଗର ଉନ୍ନୟନ କାମରେ ସୂଚନା ଫଳକ ଲାଗିବାର ନିୟମ ରହିଥିବା ବେଳେ ଜଳସେଚନ ବିଭାଗର ଅଲଗା ଗାଇଡ ଲାଇନ କି ବୋଲି ପ୍ରଶ୍ନ ହେଉଛି । କୌଣସି ଫଳକ କରି କାର୍ଯ୍ୟର ନାମ ଆଦି ତଥ୍ୟ ଲେଖିବା ବ୍ୟବସ୍ଥା ନ ଥିବାରୁ ପ୍ରକୃତରେ ଏଷ୍ଟିମେଟ କଣ ରହିଛି ଜଣା ପଡୁନି । ସାଧାରଣ ରେ ସନ୍ଦେହ ସୃଷ୍ଟି ହେଉଛି ଏଭଳି ଫରକ୍ ଦେଖି । ଗାର୍ଡ ୱାଲ୍ ଉପରେ ମାଟି ରହୁଛି ଯଦ୍ୱାରା ବର୍ଷା ହେଲେ ଉପର ମାଟି କ୍ଷୟ ହୋଇ ଡ୍ରେନ ପୋତି ହୋଇଯିବା ସଂଭାବନା ରହୁଛି । ଦୁଇ ବର୍ଷ ହେଲାଣି କାମ ହେଉଛି କିଛି ଠିକାଦାର କାମ କରି ବିଲ ପାଇ ନଥିବା ଅଭିଯୋଗ କରୁଛନ୍ତି । କନିଷ୍ଠ ଯନ୍ତ୍ରୀ ଯଥେଷ୍ଟ ସଂଖ୍ୟାରେ ଥିବା ସତ୍ତ୍ୱ କାର୍ଯ୍ୟ ତଦାରଖ କାହିଁକି କରାଯାଇ ଏଭଳି ତ୍ରୁଟି ସୁଧାର କରାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ମୁରାନ୍, ଦେଓ ପାଲି, ପୋଡାଗଡ ବନ୍ଧ, ଡାଇକ ରାସ୍ତାରେ ଗାର୍ଡ ୱାଲ୍ ଓ ଡ୍ରେନ କରାଯାଉଛି । ରାସ୍ତା ପାର୍ଶ୍ୱ ଡ୍ରେନ, ଗାର୍ଡ ୱାଲ୍ ଓ ରାସ୍ତା କାର୍ଯ୍ୟ ଦେଖିଲେ ସାଇଟ୍‌କୁ କେହି ତଦାରଖ କରୁଥିବା ଭଳି ଦୃଷ୍ଟି ଗୋଚର ହେଉନି । ତ୍ରୁଟି ସମ୍ବନ୍ଧ ରେ ନିର୍ବାହୀ ଯନ୍ତ୍ରୀ ଜନାର୍ଦ୍ଦନ ତହସିଲ ଦାରଙ୍କୁ ପଚାରିବାରୁ କହିଲେ କୌଣସି ଅଭିଯୋଗ ଦୃଷ୍ଟିକୁ ଆସିନି, ଉକ୍ତ ଟେଣ୍ଡର କାମ ଚାଲିଛି ବିଲ ହୋଇନି କିଛି ଅଭିଯୋଗ ଓ ସମସ୍ୟା ଥିଲେ ସମାଧାନ କରାଯିବ ବୋଲି କହିଥିଲେ । ହେଲେ ରାଜ୍ୟ ରେ ସରକାର ବଦଳିଲେ ହେଲେ ଏସିଆର ଦେଶର ବୃହତ୍ତମ ଜଳଭଣ୍ଡାର ଇନ୍ଦ୍ରାବତୀ ବିକଳ ଚିତ୍ର ପରିବର୍ତ୍ତନରେ କେତେ ତତ୍ପର ହେବେ ସରକାର ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ବିହନ ବିକ୍ରୟ କେନ୍ଦ୍ରରେ ଯାଞ୍ଚ

**॥ ପ୍ରଭାନ୍ୟୁଜ୍ ॥ ନବରଙ୍ଗପୁର, ୧୪।୬:** ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ସରକାର ବଦଳିବା ପରେ ସକ୍ରିୟ ହୋଇ ବ୍ଲକରେ ଥିବା ବିହନ ବିକ୍ରୟ କେନ୍ଦ୍ର ଯାଇ ଯାଞ୍ଚ କରିବା ଦେଖାଯାଇଛି । ଜଣେ ବିହନ ଡିଲର ପାଇଁ ଧାର୍ଯ୍ୟ ସମସ୍ତ ନିୟମ ପାଳନ କରୁଛନ୍ତି ନା ପ୍ରଥମେ ଯାଞ୍ଚ କରିଥିଲେ । ପ୍ରଥମତଃ ଦୋକାନର ନାମ ସମ୍ମୁଖରେ ଓଡ଼ିଆରେ ଲେଖିବା, ଦୋକାନ କାଉଣ୍ଟର ନିକଟରେ ଡିଲର ଲାଇସେନ୍ସ ଆଦେଶ ଟାଙ୍ଗିବା, ଦୋକାନରେ ସେଲସ ରେଜିଷ୍ଟର ମେଣ୍ଟେନ୍ କରିବା, ବିକ୍ରିବଟା ବେଳେ ଚାଷୀଙ୍କ ଫାର୍ମର ଆଇଡିଓ ଦସ୍ତଖତ ରଖି ବିଲ ଦେବା ଆଦି ଏକୋଇସଟି ନିୟମ ପାଳନ କରୁଛନ୍ତି ନାହିଁ ତାହା ଯାଞ୍ଚ କରାଯାଇଛି । ଏହି କ୍ରମରେ ଦିଗି ଓ ଗୌଡ଼ ଗୁଡା ର ଗୋଟିଏ ଲେଖାଏଁ, ଚରା ମୂଳାର ଦୁଇଟି, ତେନ୍ତୁଳିଖୁଣ୍ଟିର ଦୁଇଟି, ଖାତି ଗୁଡ଼ା ଚାରୋଟି ବିହନ ବିକ୍ରୟ କେନ୍ଦ୍ର ଯାଞ୍ଚ କରି କାରଣ ଦର୍ଶାଅ ନୋଟିସ ଦେଇଛି ତେନ୍ତୁଳିଖୁଣ୍ଟି । କୃଷି ବିଭାଗ ନୋଟିସର ଉତ୍ତର ସପ୍ତାହ ମଧ୍ୟରେ ନ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉଲ୍ଲେଖ କରାଯାଇଛି । ଏହି ଯାଞ୍ଚ ବେଳେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭରସୀୟର ଧିରେନ୍ ବେନ୍ୟା, ମଧୁ ସ୍ମିତା ପତି ଉପସ୍ଥିତ ଥିଲେ । ଏଟି ଏମ ବାଳ ଗୋବିନ୍ଦ ସାହୁ ଯାଞ୍ଚରେ ସହଯୋଗ କରିଥିଲେ । ଏକୋଇଶିଟି ମାପଦଣ୍ଡକୁ ନେଇ କୃଷି ବିଭାଗ ଆଗକୁ କିଭଳି ଜୋର୍‌ଦେଇ କାର୍ଯ୍ୟାନୁଷ୍ଠାନ ନେଉଛି ଦେଖିବାକୁ ରହିଲା ।

## ଇନାମୀ ମାଓବାଦୀ ଗିରଫ



**॥ ପ୍ରଭାନ୍ୟୁଜ୍ ॥ ମାଲକାନଗିରି, ୧୪।୬:** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବୀଜାପୁରରେ ପୁଲିସ ପକ୍ଷରୁ ତଲାସି ଅଭିଯାନ ବେଳେ ଜଣେ ୧ ଲକ୍ଷ ଇନାମୀ ମାଓବାଦୀକୁ ଗିରଫ ହୋଇଛି । ଗିରଫ ମାଓବାଦୀର ନାମ ପାୟୁକୁ ତେଲାମ ହୋଇଥିବା ବେଳେ ସେ ଅନେକ ହିଂସାକାଣ୍ଡରେ ଜଡିତ ଥିବା ଜଣାପଡିଛି । ସୂଚନା ଅନୁଯାୟୀ ଛତିଶଗଡର ବୀଜାପୁର ଜିଲ୍ଲା କୁଟୁର ଜଙ୍ଗଲରେ ମାଓ ଦମନ ନିମନ୍ତେ ପୁଲିସ ବାହିନୀର ଏକ ଟିମ୍ ତଲାସି ଅଭିଯାନରେ ବାହାରି ଥିଲେ । ଏହି ସମୟରେ ଜନଗଳ ମଧ୍ୟରେ ପୁଲିସକୁ ଦେଖି ସନ୍ଦିଗ୍ଧ ଅବସ୍ଥାରେ ଲୁଚି ରହିଥିବା କିଛି ବ୍ୟକ୍ତି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ ।ଏହା ଦେଖି ସନ୍ଧେହ କରି ପୋଲିସ ବାହିନୀ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିବା ବେଳେ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଏହାପରେ ପୋଲିସ କାବୁ କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କଲାବେଳେ ସେ ତାଙ୍କ ନାମ ପାୟୁକୁ ତେଲାମ ବୋଲି ପ୍ରକାଶ କରିବା ସହ ସେ ଜଣେ ମାଓବାଦୀ ସ୍ୱୀକାର କରିଥିଲେ । ତେବେ ପାୟୁକୁ ବିରୋଧରେ ଦୁଇଟି ସ୍ଥାୟୀ ୱାରେଣ୍ଟ ବିଚାରାଧୀନ ରହିଥିବା ବେଳେ ତାଙ୍କ ନାମରେ ଏକ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ମଧ ପୁଲିସ ଜାଣିବାକୁ ପାଇଥିଲା । ୨୦୦୫ ମସିହାରୁ ପାୟୁକୁ ମାଓ ସଙ୍ଗଠନରେ ରହ ଅନେକ ହିଂସାକାଣ୍ଡରେ ଜଡିତ ନଥିବା ବେଳେ ଜଣେ ପୁଲିସ ଆସିଷ୍ଟାଣ୍ଟ କନଷ୍ଟେବଳ ସଞ୍ଜୟ ବେଦଜାଙ୍କ ହତ୍ୟାରେ ମଧ ଜଡିତ ଥିଲେ । ଏହା ଜାଣିବା ପରେ ପୁଲିସ ତାଙ୍କୁ ଗିରଫ କରି ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ବିଜାପୁର ପୁଲିସର ଡିଏସପି ସୁଦୀପ ସାରକ ସୂଚନା ଦେଇଛନ୍ତ ।

## ଶିଶୁ ଶ୍ରମିକ ନିଷେଧ ଦିବସ ପାଳିତ




**॥ ପ୍ରଭାନ୍ୟୁଜ୍ ॥ ରାୟଗଡ, ୧୪।୬:** ସ୍ଥାନୀୟ ୱାଟର ସେଡ୍ କନଫରେନ୍ସ ହଲ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ରାୟଗଡା ଓ ପିକକ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ ଜାତୀୟ ଶିଶୁ ଶ୍ରମିକ ନିଷେଧ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀମତି ନିବେଦିତା ପଣ୍ଡା ଅଧକ୍ଷତା କରିଥିଲେ । ଅନ୍ୟପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ସଚିବ ବିଶ୍ୱନାଥ ଗନ୍ତାଏତ, ଆଇନଜୀବୀ ପ୍ରଣତି ପାତ୍ର, ଅତିରିକ୍ତ ଶ୍ରମ ଅଧିକାରୀ ଗୋପାଳ କ୍ରିଷ୍ଣା ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ଆଇନ ପରାମର୍ଶ ଦାତା ନିରାକାର ପାଢ଼ି, ପ୍ରୋଟେକ୍ସନ ଅଫିସର(ଅଣ ଆନୁସନିକ) ପ୍ରତାପ କୁମାର ଦାସ, ସି.ଡବ୍ଲ୍ୟୁ.ସି ମେମ୍ବର ଜ୍ୟୋସ୍ନାମୟୀ ପାଢୀ, ପ୍ରମୋଦ କୁମାର ନାଏକ, ଗଗେଇନ ଶବର, ପିକକ୍ ଅନୁଷ୍ଠାନର ସଚିବ ମନୋଜ ସ୍ୱାଇଁଙ୍କ ସମେତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଫିସର ପାନେଲ ଓକିଲ, ପାରା ଲିଗାଲ ଭଲ୍ୟୁଣ୍ଟର, ରାୟଗଡା ସେବା ସମାଜ ଅନୁଷ୍ଠାନର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଜାତୀୟ ବାଳ ଶ୍ରମିକ ନିଷେଧ ଦିବସ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ଶିଶୁ ଶ୍ରମିକ ମାନଙ୍କର ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇ ଆଇନରେ ଉଦ୍ଧିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡା ସେବା ସମାଜ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଓ ପିକକ ଅନୁଷ୍ଠାନର ସଚିବ ମନୋଜ ସ୍ୱାଇଁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

## ନମ୍ବର ବିହୀନ ଗାଡ଼ି ପ୍ରତି ସାବଧାନ

**॥ ପ୍ରଭାନ୍ୟୁଜ୍ ॥ ଜୟପୁର, ୧୪।୬:** ଜୟପୁର ସହରର ପ୍ରତ୍ୟେକ ଗଳି କନ୍ଦିରେ ଘୁରି ବୁଲୁଛି ନମ୍ବର ବିହୀନ ବାଇକ୍ । ଏହି ନମ୍ବର ବିହୀନ ବାଇକ୍‌ରେ ଦୁର୍ବୃତ୍ତ ମାନେ କରୁଛନ୍ତି ଲୁଟ୍ ପାଟ ଏବଂ ଡ଼କାୟତି । ଯଦ୍ୱାରା ସେମାନେ ନିଜ ପରିଚୟ ଛୁପାଇବା ସହ ପୁଲିସକୁ ଚକମା ଦେବାରେ ସଫଳ ହେଉଛନ୍ତି । ଜୟପୁର ସହରର ଚତୁପାର୍ଶ୍ୱରେ ଲାଗିଥିବା ସିସିଟିଭି କ୍ୟାମେରା ମଧ କିଛି ଅଞ୍ଚଳରେ ଅଚଳ ହୋଇପଡିଛି ଫଳରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାରେ ପୁଲିସକୁ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ଯଦି ଦେଖାଯାଏ ଜୟପୁର ସହରର ଜନସଂଖ୍ୟା ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏପରି ସ୍ଥିତିରେ ଜନସଂଖ୍ୟା ଅନୁସାରେ ସହରରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା କମ୍ ପଡୁଥିବା ଖବର ସାମ୍ନାକୁ ଆସିଛି । ଏହାର ଫାଇଦାକୁ ନେଇ ଦୁର୍ବୃତ୍ତମାନେ ଜୟପୁର ସହରରେ ଦିନ ଦ୍ୱିପହରରେ ଉନ୍ମତ୍ତ କାଣ୍ଡ ଗୁଡ଼ିକ ଘଟାଇବାରେ ସକ୍ଷମ



ହେଉଛନ୍ତି । ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ଦୁର୍ବୃତ୍ତ ମାନେ ବାହାର ଜିଲ୍ଲା ଓ ଅନ୍ୟରାଜ୍ୟରୁ ଆସି ଜୟପୁର ସହରର ଯେକୌଣସି ବ୍ୟକ୍ତିଙ୍କ ଘରେ ବିନା ପରିଚୟପତ୍ରରେ ଭଡ଼ାଟିଆ ହୋଇ ପ୍ରଥମେ ରହିବାରେ ସଫଳ ହେଉଛନ୍ତି । ତାପରେ କିଛିଦିନ ପରେ ସହରର ବିଭିନ୍ନ ସ୍ଥାନରେ ତଥ୍ୟ ସଂଗ୍ରହ କରି ଚୋରି ଡକାୟତି କରିବା ଆରମ୍ଭ କରୁଛନ୍ତି । ଯେଉଁ ଘରମାଲିକ ମାନେ ଅତି ଲୋଭରେ ପଡ଼ି ଅଧିକା ଭଡା ସଂଗ୍ରହ କରିବା ଆଶାରେ ବିନା ପରିଚୟପତ୍ରରେ ଘର ଭଡ଼ାରେ ଦିଅନ୍ତି । ଶେଷରେ ଜୟପୁର ସହରବାସୀ ଏପରି ଲୁଟ୍ ପାଟ ଏବଂ ଡକାୟତି ର ଶିକାର ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଯେଉଁ ଘରମାଲିକ ମାନେ ଭଡାଟିଆ ମାନଙ୍କୁ ଘର ଭଡ଼ାରେ ଦେବା ସମୟରେ ନିଜେ ଯଦି ସତର୍କତା ଅବଲମ୍ବନ କରିବେ ତାହେଲେ ଜୟପୁର ସହରବାସୀ ଚୋରି ଡ଼କାୟତିରୁ ମୁକ୍ତି ପାଇବେ ବୋଲି ଆଶା କରାଯାଉଛି ।

## ଇବ୍ରାହିମଙ୍କ ଦେହାନ୍ତରେ ଶୋକ

**॥ ପ୍ରଭାନ୍ୟୁଜ୍ ॥ ରାୟଗଡ, ୧୪।୬:** ଜିଲ୍ଲା ପ୍ରଶାସନ ତରଫରୁ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ମୃତ୍ୟୁରେ ଶୋକ ପାଳନ କରାଯାଇଛି । ଇରାନ ରାଷ୍ଟ୍ରପତିଙ୍କ ହେଲିକେପ୍ଟର ଦୁର୍ଘଟଣା ଘଟି ରଇସିଙ୍କ ସହ ଇରାନ ବୈଦେଶିକ ମନ୍ତ୍ରୀ ହୁସେନ ଅମିର ଅବଦୁଲ୍ଲାଙ୍କ ମଧ ଦେହାନ୍ତ ଘଟିଥିଲା । ପାଗ ଖରାପ ଯୋଗୁଁ ହେଲିକେପ୍ଟର ଦିଗହରା ହୋଇ ଦୁର୍ଘଟଣା ଘଟିଥିବା ଇରାନ ପ୍ରଶାସନ ସ୍ପଷ୍ଟ କରିଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପତ୍ର ସଂଖ୍ୟା :୧୮୧୬୧ ୨୦-୦୫-୨୦୨୪ ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଓ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଜାତୀୟ ପତାକା ଅର୍ଦ୍ଧନମିତ କରାଯାଇଥିଲା । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଶୋକ ପାଳନ କରାଯାଇଥିଲା । ବର୍ତ୍ତମାନ ସମୟରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ ପାଳନ ବର୍ଜ୍ଜନ କରାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲା ଅମଲା ସଂଘ



**॥ ପ୍ରଭାନ୍ୟୁଜ୍ ॥ ଜୟପୁର, ୧୪।୬:** ନିର୍ବାଚନରେ ନୂତନ ଭାବେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ସମେତ ନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ଓଡ଼ିଶା ଅମଲା ସଂଘ ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି । ଆବାହକ ଶଶୀ ଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ ଓ ସଭାପତି ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର କର୍ମଚାରୀ ଉପସ୍ଥିତ ରହି ନୂତନ ସରକାରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏଥି ସହିତ କର୍ମଚାରୀ ମାନଙ୍କ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱଳ୍ପ ବେତନ ଭୋଗି କର୍ମଚାରୀ ମାନେ ନିଷ୍ପେସିତ, ଅବହେଳିତ, ଅସହାୟ, ନିର୍ଯ୍ୟାତିତ ସହିତ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା କରାଯାଇଛି । ପୂର୍ବତନ ରାଜ୍ୟ ସରକାର ଛୋଟ କର୍ମଚାରୀ ମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହିତ ଟାଳଟୁଳ ନିତି ଅବଲମ୍ବନ କରିଥିବା ଉପସ୍ଥିତ କର୍ମଚାରୀ ମାନେ ମତପ୍ରକାଶ କରିଥିଲେ । କର୍ମଚାରୀ ମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ପ୍ରତାରଣା କରିଥିବା ଯୋଗୁଁ ସମସ୍ତ ଉପସ୍ଥିତ କର୍ମଚାରୀ ପୂର୍ବତନ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହା କର୍ମଚାରୀ ମାନଙ୍କ ପ୍ରତି କୁଠାର ଘାତ ବୋଲି ସମସ୍ତେ ମତ ଦେଇଥିଲେ । ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପରେ କର୍ମଚାରୀ ମାନଙ୍କ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବୈଠକର ଆଲୋଚନା ହୋଇଥିଲା ।

## ଡମ୍ବରୁଧରଙ୍କ ଶେଷକୃତ୍ୟ ସମ୍ପନ୍ନ

**॥ ପ୍ରଭାନ୍ୟୁଜ୍ ॥ ରାୟଗଡ, ୧୪।୬:** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡମ୍ବରୁ ଧର ଉଲ୍ଲାକାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଗତ ଉଲ୍ଲାକା ୧୯୭୪ରୁ ନିଜର ରାଜନୈତିକ ବିଧାୟକ ଭାବରେ ବିଷମକଟକ ନିର୍ବାଚନମଣ୍ଡଳୀରୁ ଆରମ୍ଭ କରି , ୧୯୭୭, ୧୯୮୦, ୧୯୮୫, ୧୯୯୫, ୨୦୦୪ ଓ ୨୦୦୯ ପର୍ଯ୍ୟନ୍ତ ବିଷମ କଟକ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ୧୯୮୫ରେ ରାଜ୍ୟ ମନ୍ତ୍ରିମଣ୍ଡଳର ମନ୍ତ୍ରୀ ଭାବେ କାର୍ଯ୍ୟକରିଥିଲେ । ଭୁବନେଶ୍ୱରର ଏକ ଘରେଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଗତ ୧୪-୦୫-୨୦୨୪ତାରିଖ ମଧ୍ୟରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଭୁବନେଶ୍ୱରରୁ ନିଜ ଗ୍ରାମ ବାଙ୍କିଲି ଆଣିବା ପରେ ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶକ୍ରମେ ଓ ଜିଲ୍ଲାପାଳ ଶ୍ରୀ ସତ୍ୟବାନ ମହାଜନଙ୍କ ଆଦେଶ ପାଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ତ୍ରିନାଥ ମାଝୀ , ଅତିରିକ୍ତ ଆରକ୍ଷୀ ଅଧିକାରୀ ବିଷ୍ଣୁପ୍ରସାଦ ପାତ୍ର, ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ବସନ୍ତ କୁମାର ପ୍ରଧାନ ଆଦି ଗୋଟିଏ ସେକ୍ସନ ପୁଲିସ ବାହିନୀ ରାଷ୍ଟ୍ରୀୟ ମର୍ଯ୍ୟାଦା ପୂର୍ବକ ତାଙ୍କ ଗ୍ରାମ ଠାରେ ଗାର୍ଡ ଅଫ ଅନରର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ସାଂସଦ ହେମା ଗମାଙ୍ଗ, ଝିନ୍ନ ହିକକା, ଜୟରାମ ପାଙ୍ଗି, ରାୟଗଡ ବିଧାୟକ ମକରନ୍ଦ ମୁଦୁଲି ଆଦି ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ପୂର୍ବକ ଅନ୍ତିମ ଶଂସ୍କାର କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ । ଅନ୍ତିମ ଦର୍ଶନ ନିମନ୍ତେ ରାୟଗଡ ଜିଲ୍ଲାରୁ ଓ ଅନ୍ୟଜିଲ୍ଲାରୁ ମଧ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

## ଶିଶୁ ଯତ୍ନ ଅନୁଷ୍ଠାନରେ ତାଲିମ ଶିବିର

**॥ ପ୍ରଭାନ୍ୟୁଜ୍ ॥ ନବରଙ୍ଗପୁର, ୧୪।୬:** ମିଶନଶକ୍ତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାର ୬ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୬ ରୁ ୨୧ ବର୍ଷ ବୟସର ଶିଶୁ ଏବଂ ଖାସ କରି କୃତି ଛାତ୍ରଛାତ୍ରୀ ୧୦ମ, ଦ୍ୱାଦଶ ପାସ ମାନଙ୍କୁ ନେଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ସମସ୍ତ ଶିଶୁ, ଅତିଥି ଏବଂ ଶିଶୁ ଗୃହର କର୍ମକର୍ତ୍ତା ମାନଙ୍କୁ ବୈଠକକୁ ସ୍ୱାଗତ କରିବା ସହ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼.କମଳା ଲୋଚନ ମିଶ୍ର ଙ୍କୁ ପିଲା ମାନଙ୍କ ପାଇଁ କିଛି ଭବିଷ୍ୟତକୁ ନେଇ ବାର୍ତ୍ତା ରଖିବାକୁ କହିଥିଲେ । କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ସୁରକ୍ଷା ଅଧିକାରୀ ଆନୁଷ୍ଠାନିକ ଯତ୍ନ କୁନିମୁନି ସ୍ୱାଇଁଙ୍କୁ କହିଥିଲେ । ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ପିଲାମାନଙ୍କୁ କହିଥିଲେ ଯେ ଆମେ ଯାହା ପଢୁଛେ ତାହା କିପରି ଭବିଷ୍ୟତରେ କାର୍ଯ୍ୟପନ୍ଥା ଏବଂ ଜୀବିକା ନିର୍ବାହ ରେ ସହାୟକ ହୋଇପାରିବ ତାହା ଚୟନ କରିବାକୁ ପଡିବ । ସମାଜରେ କିପରି ପାଠ କୁ ନେଇ ପ୍ରତିଯୋଗିତା ହେଉଛି ଏବଂ କୌଶଳ ଭିତିକ ଶିକ୍ଷା କିପରି ଆମକୁ ଭବିଷ୍ୟତ ନିର୍ମାଣ କରିବା ତାହା ବୁଝିଥିଲେ । ସବୁବେଳେ ନିଜପାଖରେ ବିକଳ୍ପ ଯୋଜନା ରଖିବା ଯାହା ପାଇଁ କେବେ ହାର ମାନିବ ନାହିଁ । ଏହାପରେ ଜିଲ୍ଲା ନିୟୋଜନ ଅଧିକାରୀ ଜିଲ୍ଲା ଏବଂ ଜିଲ୍ଲା ବାହାରେ କ'ଣ ସବୁ ଚାକିରିର ସୁଯୋଗ ରହିଛି ତାହା ଉପରେ ଆଲୋଚନା କରିଥିଲେ । ଏହାପରେ ଅରୁଣାର ଜିଲ୍ଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ୧୦ମ ଏବଂ ଦ୍ୱାଦଶ ପରେ କଣ ସବୁ ପାଠ ପଢ଼ାର ବିକଳ୍ପ ରହିଛି ଏବଂ କିପରି ଆମ କର୍ମକ୍ଷେତ୍ରରେ ସହାୟକ ହୋଇପାରିବ ସେ ଉପରେ ଏଲୋଚନ କରିଥିଲେ । ଏହି କର୍ମଶାଳାରେ ଦଶମ ଶ୍ରେଣୀ ଏବଂ ଯୁକ୍ତ ଦୁଇରେ ପାସ ହୋଇଥିବା ଶିଶୁ ମାନଙ୍କୁ କିପରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ପାଠ ପଢିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇପାରିବ ସେ ଦିଗରେ ମଧ ଆଲୋଚନା କରାଯାଇଥିଲା । ଏତଦ ବ୍ୟତୀତ ଏହି ବୈଠକରେ ଜିଲ୍ଲା କୌଶଳ ଏବଂ କର୍ମ ନିୟୋଜନ ଅଧିକାରୀ ଆନନ୍ଦ ପଲେଇ, ଡ଼ିଆଇପି ଆରଓ ହଳଧର ନିଆଲ, ସୁଶାନ୍ତ କୁମାର ଡାକୁଆ, ଟ୍ରେନିଂ ଅଫିସର, ବି.କେ. ରାୟେ, ପଲିଟେକନୀକ କଲେଜର ଅଧକ୍ଷ, ଶିଶୁ ସୁରକ୍ଷା ଅଧିକାରୀ, ପ୍ରୋବେସନ ଅଧିକାରୀ, କିଶୋର ମାର୍ଥା, ଅରୁଣାର ଜିଲ୍ଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କିଷାନ ପଟ୍ଟନାୟକ,ସମରେନ୍ଦ୍ର ପରିଡା,ସ୍ୱାତିଶ୍ରୀ ପଟ୍ଟନାୟକ, ଆଦି ଉପସ୍ଥିତ ଥିଲେ ।

## ଗାଡି ଯାଞ୍ଚ, ଜରିମାନା ଆଦାୟ

**॥ ପ୍ରଭାନ୍ୟୁଜ୍ ॥ ନୂଆପଡ଼ା, ୧୪।୫:** ପରିବହନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଓ ଖଡ଼ିଆଳ ପୁଲିସ୍‌ର ମିଳିତ ଉଦ୍ୟମରେ ଖଡ଼ିଆଳ ଆମ୍ବେଦକର ଛକଠାରେ ଆଜି ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ଗାଡି ଚଳାଉଥିବା ୬ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ସେହିପରି ୯ଟି ଚାରିଚକିଆ ଗାଡି ଓ ୪ଟି ମୋଟର ସାଇକେଲ ଜବତ କରାଯାଇ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ୫,୫୭,୩୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଯାଞ୍ଚରେ ଏମ୍ଭିଆଇ ବିଜୟ କୁମାର ବେହେରା, ଟିଏସ୍ଆଇ ପି.ପି. ଭୋଇଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ଖଡ଼ିଆଳ ପୋଲିସ ପକ୍ଷରୁ ଏସ୍ଆଇ ରାଜେଶ କୁମାର ଅଗସ୍ତି, ଏଏସ୍ଆଇ ଦେବାର୍ଜନ ମାଝିଙ୍କ ସମେତ ଅନ୍ୟ ପୁଲିସ୍ କର୍ମଚାରୀ ଯାଞ୍ଚ କରିଥିଲେ ।

# ବିଦ୍ୟୁତ କାଟରେ ସହରବାସୀ ଅତିଷ୍ଠ

**॥ ପ୍ରଭାନ୍ୟୁଜ୍ ॥ ହିଞ୍ଜିଳିକାଟୁ, ୧୪।୬:** ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବା ଏବଂ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ଲକ୍ଷ୍ୟରେ ବିଦ୍ୟୁତ ବିତରଣ କମ୍ପାନୀ ସାଉଥକୋକୁ ଟାଟା ପାୱାରକୁ ହସ୍ତାନ୍ତର କରାଯାଇଛି । ଟାଟାପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟୁତ ସେବାରେ ନିଶ୍ଚିତ ଉନ୍ନତି ଆସିବ ବୋଲି ଗ୍ରାହକଙ୍କ ମହଲରେ ଏକ ଧାରଣା ସୃଷ୍ଟି ହୋଇଥିଲା । ହେଲେ ବର୍ତ୍ତମାନ ଏହା ଭୂଲ ପ୍ରମାଣିତ ହେବାରେ ଲାଗିଛି । ପୂର୍ବରୁ ସାଉଥକୋ ଠାରୁ ମିଳୁଥିବା ଗ୍ରାହକ ସେବା ଠାରୁ ଟାଟା ପାୱାର ବିତରଣ କମ୍ପାନୀର ଗ୍ରାହକ ସେବା ଅତ୍ୟନ୍ତ ଖରାପ ବୋଲି ସ୍ଥାନୀୟ ସହରର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ବିନା କାରଣରେ ଅଘୋଷିତ ଭାବେ ସହରର କେଉଁଠି ନା କେଉଁଠି ବିଦ୍ୟୁତ କାଟ ନିତିଦିନିଆ ଘଟଣା ଘଟିବାରେ ଲାଗିଛି । ପୂର୍ବରୁ କେବଳ ଗ୍ରୀଷ୍ମ ଋତୁରେ ସ୍ଥାନୀୟ ସହରର ବିଭିନ୍ନ ସ୍ଥାନରେ ଲୋଭୋଲଟେଜ ସମସ୍ୟା ରହୁଥିଲା । ଏଭଳି ସମୟରେ ଜନସାଧାରଣଙ୍କ ବିଦ୍ୟୁତ ବ୍ୟବହାର ବୃଦ୍ଧି ପାଉଥିବା ଯୋଗୁଁ ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପ ପଡିବା ଯୋଗୁଁ ଲୋଭୋଲଟେଜ ସମସ୍ୟା ଲାଗି ରହୁଥିବା କଥାକୁ ଲୋକେ ବିଶ୍ୱାସ କରି ନେଉଥିଲେ । ଆକାଶରେ କଳା ବାଦଲ ଦେଖିଲେ ବିଦ୍ୟୁତ ବିଭାଗୀୟ କର୍ମଚାରୀ ମାନେ ବିଦ୍ୟୁତ ବିଚ୍ଛିନ୍ନ କରିଦେଉଥିବା ଦେଖିବାକୁ ମିଳିଛି । ୨୦୨୧ ମସିହା ଆରମ୍ଭରୁ ଟାଟାପାୱାର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ବର୍ଷ ଆରମ୍ଭରୁ ଆରମ୍ଭ କରି ଏଯାବତ୍ ବିଦ୍ୟୁତ କାଟ ଲାଗି ରହୁଛି । ଟାଟାପାୱାର ଦାୟିତ୍ୱ ନେବାର ଦୀର୍ଘ ୩ ବର୍ଷ ୬ ମାସ ଅତିବାହିତ ହୋଇଯାଇଥିଲେ ମଧ ଭିତିଭୂମି ବିକାଶ କ୍ଷେତ୍ରରେ ସୁଫଳ ମିଳି ପାରିନାହିଁ । ପୁରୁଣା ଭିତିଭୂମି ଉପରେ କେବଳ ନାମ ପରିବର୍ତ୍ତନ କରାଯାଇଛି ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି । ଏଭଳି ଅଘୋଷିତ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତା ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ପ୍ରତିଦିନ ସହରର ବିଭିନ୍ନ ସ୍ଥାନରେ ବହୁ ସମୟ ଧରି ବିଦ୍ୟୁତ କାଟ କରାଯାଉଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଘରୋଇକରଣ କରାଯିବା ପରେ ଲୋକେ ଏଥିରୁ ସୁଫଳ ପାଇବା ପରିବର୍ତ୍ତ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗତ ସପ୍ତାହେ ଧରି ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ବିଦ୍ୟୁତ କାଟ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ୍ କାଟ ଲୋକଙ୍କୁ ଦାଉ ସାଧୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । କେତେବେଳେ ବିଦ୍ୟୁତ୍ ରହୁଛି ଏବଂ କେତେବେଳେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉଛି ଜନସାଧାରଣ ଜାଣିବା ମୁସ୍କିଲ ହୋଇପଡିଛି । ଏପରିକି ବିଳମ୍ବିତ ରାତିରେ ବିଦ୍ୟୁତ୍ କାଟ କରାଯାଉଥିବାରୁ ଏହାର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ହୋଇପଡିବା ସହ ସ୍ଥାନୀୟ ଅଞ୍ଚଳରେ ଗତ କିଛି ଦିନ ଧରି ଛୋଟମୋଟ ଚୋରି ହେଉଥିବା ଜଣାପଡ଼ିଛି । ଟାଟାପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ଭିତିଭୂମିର ବିକାଶ ଉପରେ ଯେତିକି ଗୁରୁତ୍ୱ ଦେବା କଥା ତାହା ନକରି ରାଜସ୍ୱ ଆଦାୟ ପଛରେ ଲାଗିପଡିଥିବା ଜଣାପଡିଛି । ସାଉଥକୋ ଦାୟିତ୍ୱ ସମୟରେ ସ୍ଥାନୀୟ ଅଞ୍ଚଳର କୁଶଳୀ ଶ୍ରମିକଙ୍କ ଠିକା ଭାବେ ନିଯୁକ୍ତି ଦେଇ କାର୍ଯ୍ୟ ହାସଲ କରୁଥିବା ବେଳେ ଟାଟାପାୱାର ଆସିବା ପରେ ଅଣଓଡିଆ ଠିକା କର୍ମଚାରୀ ନିଯୁକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । ଅଣଓଡିଆ କର୍ମଚାରୀଙ୍କ ସହରର ସମସ୍ୟା ସମ୍ପକରେ ଧାରଣା ନଥିବା ଯୋଗୁଁ ସମସ୍ୟା ଅଧିକ ରହୁଥିବା ନେଇ ଜୈନିକ କର୍ମଚାରୀ ନିଜ ନାମକୁ ଗୋପନ ସୂତ୍ରରେ ସୂଚନା ପ୍ରଦାନ କରିଛନ୍ତି । ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ସତ୍ୟ ନାରାୟଣ ଦାଶଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବ୍ୟବହାରକାରୀ ସଂଖ୍ୟା ବୃଦ୍ଧି ପାଉଛି । ଯଦ୍ୱାରା ଅତ୍ୟଧିକ ଚାପ ପ୍ରୟୋଗ ହେଉଥିବାରୁ ବିଦ୍ୟୁତ୍ ଟ୍ରିପ୍ ନେଉଛି । ବିନା କାରଣରେ କୌଣସି ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଉନାହିଁ । ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଟାଟା ପାୱାରର ମୁଖ୍ୟ ଲକ୍ଷ୍ୟ ରହିଛି । ଟାଟାପାୱାର କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଦ୍ୟୁତକାଟ ଭଳି ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ଏକ ବଡ ଧରଣର ଜନଆନ୍ଦୋଳନ ଗଢି ଉଠିବ ବୋଲି ଅନୁମାନ କରାଯାଉଛି ।


**IIFL FINANCE**

CIN: L67100MH1995PLC093797
Regd. Office: IIFL House, Sun Infotech Park, Road No. 16V, Plot No.B-23, Thane Industrial Area, Wagle Estate, Thane - 400604
Tel: (91-22) 41035000 • Fax: (91-22) 25806654
E-mail: reach@iifl.com • Website: www.iifl.com

**ଗୋଲ୍ଡ ଋଣର ଇ-ନିଲାମର ସର୍ବସାଧାରଣ ବିଜ୍ଞପ୍ତି**

ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଏବଂ ଜନସାଧାରଣଙ୍କ ଦ୍ୱାରା ସମସ୍ତ ସଂପୃକ୍ତ ଋଣଗ୍ରହୀତାଙ୍କୁ ସୂଚିତ କରାଯାଇଛି, ସାଧାରଣତଃ ଆମେ, ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡ୍ ("IIFL") ଡିଫଲ୍ଟ ଗ୍ରାହକଙ୍କ ସୁନା ଅଳଙ୍କାର ନିଲାମ କରୁଛୁ, ଯେଉଁମାନେ ଋଣ ନିୟମିତ କରିନାହାଁନ୍ତି କିମ୍ବା ବକେୟା ରାଶି ପ୍ରଦାନ କରିନାହାଁନ୍ତି ପଞ୍ଜୀକୃତ ନିଲାମ ବିଜ୍ଞପ୍ତି ଏବଂ ବାରମ୍ବାର ସ୍ମାରକପତ୍ର । **18.06.2024 ତାରିଖରେ ଅପରାହ୍ଣ 3:00 ରୁ 05:00 ମଧ୍ୟରେ** ତାଙ୍କ ଅନଲାଇନ୍ ଅକ୍ସନ ପ୍ଲାଟଫର୍ମ **https://egold.auctiontiger.net** ଉପରେ **ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍** ଦ୍ୱାରା ନିମ୍ନ ଋଣ ଆକାଉଣ୍ଟଗୁଡ଼ିକରେ ବନ୍ଧକ ରଖାଯାଇଥିବା ସୁନା ଋଣ ସାମଗ୍ରୀର ସାର୍ବଜନିକ ନିଲାମ ଅନଲାଇନ୍ ଆୟୋଜିତ କରାଯିବ । ସ୍ଥାନ ବା ତାରିଖରେ କୌଣସି ପରିବର୍ତ୍ତନ (ଯଦି କୌଣସି) ନିଲାମ ପ୍ଲାଟଫର୍ମ ଏବଂ/କିମ୍ବା ନିଲାମ କେନ୍ଦ୍ରରେ ପ୍ରଦର୍ଶିତ କରାଯିବ । ଯଦି କୌଣସି କାରଣରୁ ଇ-ନିଲାମ ଏଠାରେ ଉଲ୍ଲେଖ କରାଯାଇଥିବା ତାରିଖରେ ଆୟୋଜନ କରାଯାଇପାରିବ ନାହିଁ କିମ୍ବା ନିଲାମ ସମାନ ଦିନରେ ସମ୍ପୂର୍ଣ୍ଣ ହୋଇନଥାଏ, ତେବେ ଆଇଆଇଏଫଏଲ୍ ସମାନ ସର୍ତ୍ତାବଳୀ ଆଧାରରେ ସମ୍ପୃକ୍ତ ଜିଲ୍ଲାର ସମ୍ପୃକ୍ତ ତାଲୁକାରେ ଥିବା ନିଲାମ ପ୍ଲାଟଫର୍ମ ଏବଂ/କିମ୍ବା ନିଲାମ କେନ୍ଦ୍ରରେ ପରବର୍ତ୍ତୀ କୌଣସି ତାରିଖରେ ଉକ୍ତ ନିଲାମ ପରିଚାଳନା କିମ୍ବା ଆଗକୁ ନେବାର ଅଧିକାର ସଂରକ୍ଷିତ ରଖିଥାଏ । ଅବଶିଷ୍ଟ ଜିନିଷଗୁଡ଼ିକ ସମ୍ପୃକ୍ତ ଜିଲ୍ଲାର ସମ୍ପୃକ୍ତ ତାଲୁକାରେ ଥିବା ନିଲାମ ପ୍ଲାଟଫର୍ମ ଏବଂ/କିମ୍ବା ନିଲାମ କେନ୍ଦ୍ରରେ ବିବରଣୀ ପ୍ରଦର୍ଶିତ କରିବା ପରେ ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିଲାମ କରାଯିବ । ଯଦି ଗ୍ରାହକଙ୍କ ମୃତ୍ୟୁ ହୁଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତ ନୋମିନି/ଲିଗାଲ ଉତ୍ତରାଧିକାରୀଙ୍କ ପାଇଁ ଲାଗୁ ହେବ ।

**ଶାଖା ନାମ: କେନ୍ଦୁଝର-ଆନନ୍ଦପୁର ପାସିପୁରା କିଏଲ୍ । ସୁନା ଋଣ ଆକାଉଣ୍ଟ ନମ୍ବର:** GL25043432, GL25050669, GL25375717, GL25384097, GL26123224, GL26144877, GL26268119, GL26283647, GL26384088, GL26393141, GL26562078, GL26583558, GL26669790, GL26680787, GL26722172, GL26738094, GL27071848, GL27093335, GL27873956, GL27902829, GL27950138, GL27962210, GL27971470, GL27995402, GL28156058, GL28184313, GL28332296, GL28358146, GL28369731, GL28377066, GL28702636, GL28728523, GL28742181, GL28822644, GL28845250, GL29158687, GL29158756, GL29178182, GL29179769, GL29317990, GL29330286, GL29481028, GL29502602, GL29508317, GL29525264, GL29562557, GL29572350, GL29581372, GL29588984, GL29644343, GL29662935, GL29837227, GL29850741, GL29857448, GL29875262, GL30039711, GL30055094, GL30099573, GL30114052, GL30283624, GL30293004, GL30354599, GL30361687, GL30433404, GL30464728, GL30485218, GL30529558, GL30530665, GL30606889, GL30630089, GL30640843, GL30660392, GL30671281, GL30685692, GL30691096, GL30719585, GL30723140, GL30723616, GL30740238, GL30747306, GL30762425.

**ଶାଖା ନାମ: କେନ୍ଦୁଝର - ହସ୍ପିଟାଲ୍ ରୋଡ୍ କିଏଲ୍ । ସୁନା ଋଣ ଆକାଉଣ୍ଟ ନମ୍ବର:** GL20828240, GL20839658, GL20906956, GL20924943, GL20967206, GL21060984, GL21070136, GL21259230, GL21273014, GL21873534, GL22263375, GL22304776, GL22437383, GL22692899, GL22982677, GL23108615, GL23341607, GL23349783, GL23461861, GL23652009, GL23748063, GL23787072, GL23814706, GL24195039, GL24730507, GL25418210, GL25475406, GL25659951, GL25680283, GL26130079, GL26321845, GL26515743, GL26516449, GL26546157, GL26546263, GL26588311, GL26597880, GL26608043, GL26613889, GL26630849, GL26646789, GL26715640, GL26727228, GL26732864, GL27150347, GL27166946, GL27430826, GL27603057, GL27739799, GL27744135, GL27798072, GL27835719, GL27862294, GL27895160, GL27922899, GL27943687, GL27960688, GL27970208, GL28059486, GL28128093, GL28152077, GL28338214, GL28360934, GL28374252, GL28461848, GL28477983, GL28496603, GL28501285, GL28532108, GL28536955, GL28539212, GL28555756, GL28591224, GL28598048, GL28615372, GL28677425, GL28694588, GL28697959, GL28701131, GL28710907, GL28713229, GL28723926, GL28725445, GL28725655, GL28730100, GL28732946, GL28762335, GL28824851, GL28841956, GL29286374, GL29444593, GL29510562, GL29948723, GL29970637, GL29986751, GL30016093, GL30019315, GL30027860, GL30028371, GL30266607, GL30364085, GL30379716, GL30381546, GL30402708, GL30467436, GL30516371, GL30522773, GL30553072, GL30566938, GL30607574, GL30611971, GL30629099, GL30703233, GL30725384, GL30748175, GL30752611, GL30763698, GL31140712, GL31296043, GL32277381, GL32479505, GL32531776, GL33250391, GL33315512.

ଇ-ନିଲାମ ''ଯେଉଁଠାରେ ଅଛି'', ''ଯେପରି ଅଛି'' ଏବଂ ''ସେଠାରେ ଯାହାବି ଅଛି'' ଆଧାରରେ କରାଯିବ ଏବଂ ଆଇଆଇଏଫ୍ଏଲ୍ ଗୁଣବତ୍ତା, ଶୁଦ୍ଧତା, କ୍ୟାରେଟେଜ୍, ଓଜନ କିମ୍ବା ମୂଲ୍ୟବୋଧ ଉପରେ କୌଣସି ପ୍ରତିନିଧିତ୍ୱ କିମ୍ବା ୱାରେଣ୍ଟି କରେ ନାହିଁ । ସୁନା ଅଳଙ୍କାର ଇ-ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ (ଯଦି ଥାଏ) ଏହିପରି ଇ-ନିଲାମ ଅନୁଯାୟୀ ସର୍ତ୍ତାବଳୀ ଏବଂ ସର୍ତ୍ତଗୁଡିକ ଅଧୀନରେ ରହିବ କାରଣ ଆଇଆଇଏଫ୍ଏଲ୍ ଏହାର ନିଜସ୍ୱ ବିବେଚନା ଅନୁଯାୟୀ ଲାଗୁ ହେବ । ଆଇଆଇଏଫ୍ଏଲ୍, ଏହାର ସମ୍ପୂର୍ଣ୍ଣ ବିବେକ ଅନୁଯାୟୀ, ନିଲାମ ତାଲିକାରୁ ଯେକୌଣସି ଖାତାକୁ ସ୍ଥଗିତ କିମ୍ବା ଅପସାରଣ କରିପାରେ, ପୂର୍ବ ବିଜ୍ଞପ୍ତି ବିନା ଏବଂ କୌଣସି କାରଣ ନଦେଇ ଏବଂ କୌଣସି କାରଣକୁ ନଦେଇ କୌଣସି କିମ୍ବା ସମସ୍ତ ବିଡ୍ କିମ୍ବା ଅଫରକୁ ପ୍ରତ୍ୟାଖ୍ୟାନ କରିପାରେ । ଡିଫଲ୍ଟ ଋଣଗ୍ରହୀତା, ବନ୍ଧକ ଅଳଙ୍କାର ଏବଂ ଅନ୍ୟାନ୍ୟ ବିବରଣୀ ସଂପୃକ୍ତ ଶାଖାରେ ପ୍ରଦର୍ଶିତ ହୋଇଛି । ଏହି ନୋଟିସ୍ ପ୍ରକାଶ ପାଇବା ପରେ ମଧ ଖିଲାପକାରୀ ଋଣଧାରୀଙ୍କ ପାଖରେ ସମ୍ପୂର୍ଣ୍ଣ ବକେୟା ସୁଧ ଏବଂ ସମସ୍ତ ପ୍ରଯୁଜ୍ୟ ଶୁଳ୍କ ସମେତ ସମ୍ପୂର୍ଣ୍ଣ ବକେୟା ପରିଶୋଧ କରିବା ଏବଂ ସେମାନଙ୍କ ଋଣ ଆକାଉଣ୍ଟକୁ ବନ୍ଦ କିମ୍ବା ନିୟମିତ କରିବାର ବିକଳ୍ପ ଅଛି କିନ୍ତୁ ନିଲାମ ତାରିଖ ପର୍ଯ୍ୟନ୍ତ ଯେକୌଣସି କ୍ଷେତ୍ରରେ, ନହେଲେ ବନ୍ଧକ ରଖିଥିବା ସୁନା ଅଳଙ୍କାର ବିକ୍ରି କରାଯିବ ଏବଂ ବକେୟା ବକେୟା (ଯଦି ଅଛି) ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ । ଯଦିଓ ଏହି ପ୍ରକାଶନ ଉପରେ କିମ୍ବା ପରେ ବନ୍ଦ ହୋଇଥିବା କିମ୍ବା ନିୟମିତ ହୋଇଥିବା ଡିଫଲ୍ଟର ଋଣଗୁଡିକ ଆନୁପାତିକ ପ୍ରକାଶନ ଚାର୍ଜ ବହନ କରିବାକୁ ପଡିବ । ଅତିରିକ୍ତ ନିଲାମ ଅର୍ଥ ଫେରସ୍ତ ପାଇଁ ସେମାନଙ୍କର ସର୍ବଶେଷ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଦାଖଲ / ଅଦ୍ୟତନ କରିବାକୁ ଋଣଗ୍ରହୀତାଙ୍କୁ ଅନୁରୋଧ କରାଯାଉଛି ।

**ବିସ୍ତୃତ ସୂଚନା ପାଇଁ, ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡର ସଂପୃକ୍ତ ଶାଖା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।**

ତାରିଖ: 15.06.2024
ସ୍ଥାନ: କେନ୍ଦୁଝର

ଏସଡି/-
ସ୍ୱୀକୃତିପ୍ରାପ୍ତ ସଙ୍କେତ
ଆଇଆଇଏଫ୍ଏଲ୍ ଫାଇନାନ୍ସ ଲିମିଟେଡ

ସୂର୍ଯ୍ୟପ୍ରଭା
SURYAPRAVA



## ଆଜିର ବିଚାର :

**ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ॥ ୩୧ ॥**

**ମୋ'ଠାରେ ଅଭିନ୍ନଭାବରେ ସ୍ଥିତ ଯେଉଁ ଭକ୍ତିଯୋଗୀ ସମସ୍ତ ପ୍ରାଣୀଙ୍କ ଠାରେ ସ୍ଥିତ ମୋତେ ଭଜନ କରେ, ସେ ସବୁ ପ୍ରକାର ବ୍ୟବହାର (କାର୍ଯ୍ୟକଳାପ) କରୁଥିଲେ ମଧ୍ୟ ମୋ'ଠାରେ ହିଁ ସବୁକିଛି କରେ ଅର୍ଥାତ୍ ସେ ସର୍ବଥା ମୋ'ଠାରେ ହିଁ ସ୍ଥିତ ।**

# ଅଖାଦ୍ୟ ଫଳ ପ୍ରବଳ

**ଆମ କଥା**

ଖରାଦିନ ଆସିଲେ ଫଳ ବଜାରରେ ନାନା ପ୍ରକାରର ପାଚିଲା ଫଳର ସମ୍ଭାର ଦେଖିବାକୁ ମିଳେ । ତେବେ ବର୍ତ୍ତମାନ ବଜାରରେ ମିଳୁଥିବା ପାଚିଲା ଫଳ ଗୁଡ଼ିକ କେତେ ଦୂର ଖାଦ୍ୟ ଉପଯୋଗୀ, ତାହା ଏକ ବିତର୍କିତ ପ୍ରଶ୍ନ । ଖରାଦିନରେ ପ୍ରଚୁର ମାତ୍ରାରେ ମିଳୁଥିବା ସ୍ୱାଦିଷ୍ଟ ପାଚିଲା ଫଳ ହେଉଛି ଆମ୍ବ । ଏହ ଆମ୍ବ ସବୁ କିଭଳି ଏକ ସଙ୍ଗେ ପାଚି ହଳଦିଆ ଦେଖାଯାଉଛି ସେ ବିଷୟରେ ଜାଣିବା ପାଇଁ ବୋଧହୁଏ ଲୋକମାନଙ୍କ ଭିତରେ ଆଗ୍ରହ ନାହିଁ । ପରିପକ୍ୱ ହେଉ କିମ୍ବା ଅପରିପକ୍ୱ, ଆମ୍ବ ଗଛରୁ ତୋଳି ଆଣିବା ପରେ ସେଥିରେ କ୍ୟାଲସିୟମ୍ କାର୍ବାଇଡ୍ ନାମକ ଏକ ରାସାୟନିକ ପଦାର୍ଥର ଗ୍ୟାସ୍ ଦେଇ ପଚାଇ ଦିଆଯାଉଛି । ଏହାଫଳରେ ମାତ୍ର ୨୪ ଘଣ୍ଟା ଭିତରେ ଟ୍ରକ୍ ଟ୍ରକ୍ ଆମ୍ବ ପାଚି ହଳଦିଆ ହୋଇଯାଉଛି । ସେଭଳି ଆମ୍ବକୁ ଖାଇବା ଫଳରେ କର୍କଟ ଭଳି ରୋଗ ସହିତ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି ହେବାର ବହୁ ସମ୍ଭାବନା ରହିଛି । ବର୍ତ୍ତମାନ ବଜାରରେ ମିଳୁଥିବା ସବୁତକ ଆମ୍ବ ଏହି କାର୍ବାଇଡ୍‌ର ବ୍ୟବହାର କରାଯାଇ ପଚାଯାଉଛି । ସ୍ଥାନୀୟ ଭାବରେ ଉତ୍ପାଦିତ ହେଉଥିବା ଆମ୍ବ ପ୍ରାୟତଃ କାର୍ବାଇଡ୍ ଦିଆ ନୁହେଁ । ଆମ୍ବ ପରେ ବଜାରରେ ମିଳୁଥିବା କଦଳୀ ମଧ୍ୟ ସେହି ସମାନ ପ୍ରକ୍ରିୟାରେ ୨୪ ଘଣ୍ଟା ଭିତରେ ପାଚି ହଳଦିଆ ଦେଖାଯାଉଛି । କଦଳୀର ପୂର୍ବରୁ କ୍ୟାଲ୍‌ସିୟମ କାର୍ବାଇଡ୍ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ତାହା ଠାରୁ ଶସ୍ତା ଆଉ ଏକ ବିଷାକ୍ତ ରାସାୟନିକ ପଦାର୍ଥର ଦ୍ରବଣ କଦଳୀ ଉପରେ ସ୍ପ୍ରେ କରି ଦିଆଯାଉଛି । କଦଳୀ ଚୋପାରେ ସେହି ରାସାୟନିକ ପଦାର୍ଥ ଲାଗିବା ପରେ ୨୪ ଘଣ୍ଟା ଭିତରେ ତାହା ହଳଦିଆ ହୋଇଯାଉଛି । ସେହି କଦଳୀ ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ମାରାତ୍ମକ ଏବଂ କ୍ଷତିକାରକ ।

**ଏହିଭଳି ଭାବରେ ଦେଖିବାକୁ ଗଲେ ଫଳ ବଜାରରେ ପ୍ରାୟତଃ ଖାଦ୍ୟ ଅନୁପଯୋଗୀ ଅନେକ ଫଳ ଲୋଭନୀୟ ରଙ୍ଗରେ ମିଳୁଛି । ଏଭଳି ଅଖାଦ୍ୟର ବିକ୍ରି ଉପରେ ଯଦି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆନଯାଏ, ତାହା ହେଲେ ଅଳ୍ପଦିନ ମଧ୍ୟରେ କିଡ୍‌ନୀ ରୋଗୀ, ହୃଦରୋଗୀ ତଥା କର୍କଟ ରୋଗୀଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯିବ ।**

ସେହିପରି ଅନ୍ୟ ରାଜ୍ୟରୁ ଆମ ରାଜ୍ୟକୁ ଆସୁଥିବା ଲିଚୁ ବାହାରୁ ଖୁବ୍ ସୁନ୍ଦର ଲାଲ୍ ଟହଟହ ଦେଖାଯାଉଛି । ଏହି ଲିଚୁରେ ପ୍ରାକୃତିକ ଭାବରେ ଏ ପ୍ରକାରର ରଙ୍ଗ ନଥାଏ । ପାଚିଗଲେ ମଧ୍ୟ କିଛି ଅଂଶ ସବୁଜ ଥାଏ । କିନ୍ତୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବଜାରକୁ ଛଡ଼ାଯାଉଛି । ଏଭଳି ରଙ୍ଗଦିଆ ଲିଚୁ ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ କ୍ଷତିକାରକ । ଖରାଦିନେ ରାଜ୍ୟ ଭିତରୁ ଏବଂ ରାଜ୍ୟ ବାହାରୁ ଉତ୍ପାଦିତ ହେଉଥିବା ସପୁରୀ ବିକ୍ରି ପାଇଁ ବିଭିନ୍ନ ସହରାଞ୍ଚଳକୁ ଆସେ । ଏଥିରେ ମଧ୍ୟ କାର୍ବାଇଡ୍ ଗ୍ୟାସ୍‌ର ପ୍ରୟୋଗ କରାଯାଇ ଗୋଟିଏ ଦିନରେ ସବୁଜ ସପୁରୀକୁ ହଳଦିଆ କରିଦିଆଯାଉଛି । ତାହା ମଧ୍ୟ ଖାଦ୍ୟ ଅନୁପଯୋଗୀ ।

ଡ଼ିସେମ୍ବର ମାସ ଠାରୁ ଆରମ୍ଭ କରି ଜୁଲାଇ ଅଗଷ୍ଟ ମାସ ପର୍ଯ୍ୟନ୍ତ ବଜାରରେ ବିଭିନ୍ନ ପ୍ରକାରର ତରଭୁଜ ବିକ୍ରି ହେଉଛି । ତରଭୁଜ ଭିତରକୁ ଲାଲ୍ କରିବା ପାଇଁ ଇଞ୍ଜେକ୍ସନ୍ ମାଧ୍ୟମରେ ନାଲି ରଙ୍ଗ ଛଡ଼ାଯାଉଛି । ଏ ପ୍ରକାରର ତରଭୁଜ ଖାଇ କେଉଁ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଜଣେ ଭୋଗିବ ତାହା କହିବା ସମ୍ଭବ ନୁହେଁ । ସେହିଭଳି ବଜାରରେ ମିଳୁଥିବା ବିଭିନ୍ନ କିସମର ସେଓରେ ପାରାଫିନ୍ ଭଳି ଏକ ପ୍ରକାରର ପେଟ୍ରୋଲିୟମ୍‌ଜାତ ପଦାର୍ଥର ପ୍ରଲେପ ଦିଆଯାଉଛି । ସେଓର ଉପର ଅଂଶକୁ ଛୁରୀରେ ରାମ୍ପି ଆଣିଲେ ଏହି ପଦାର୍ଥ ବାହାରି ଆସୁଛି । ସେଓକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ଏହାକୁ ବ୍ୟବହାର କରାଯାଉଛି । ଅନ୍ୟ ରାଜ୍ୟରୁ ଆସୁଥିବା ସପେଟା ଗଛରୁ କଞ୍ଚା ଅବସ୍ଥାରେ ତୋଳାଯାଏ । ବଜାରକୁ ଛଡ଼ାଯିବା ପୂର୍ବରୁ ସେଥିରେ କ୍ୟାଲ୍‌ସିୟମ କାର୍ବାଇଡ୍ ଗ୍ୟାସ୍ ଦିଆଯାଉଛି । ତାହା ଫଳରେ ସପେଟା ଭିତର ମଞ୍ଜି କଳା ହୋଇନଥିଲେ ମଧ୍ୟ କଞ୍ଚା ସପେଟା ପାଚି ନରମ ହୋଇଯାଉଛି । ସେ ସପେଟାର ସ୍ୱାଦ ମଧ୍ୟ ଅଲଗା । ଏହିଭଳି ଭାବରେ ଦେଖିବାକୁ ଗଲେ ଫଳ ବଜାରରେ ପ୍ରାୟତଃ ଖାଦ୍ୟ ଅନୁପଯୋଗୀ ଅନେକ ଫଳ ଲୋଭନୀୟ ରଙ୍ଗରେ ମିଳୁଛି । ଏଭଳି ଅଖାଦ୍ୟର ବିକ୍ରି ଉପରେ ଯଦି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆନଯାଏ, ତାହା ହେଲେ ଅଳ୍ପଦିନ ମଧ୍ୟରେ କିଡ୍‌ନୀ ରୋଗୀ, ହୃଦରୋଗୀ ତଥା କର୍କଟ ରୋଗୀଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯିବ ।

# କୃଷିଭିତ୍ତିକ ଗଣପର୍ବ ରଜ

ଓଡ଼ିଶାରେ ରଜ ଏକ ପାରମ୍ପରିକ ପର୍ବ । ଏହାକୁ ମଧ୍ୟ ଗଣପର୍ବ କୁହାଯାଏ । ନିପଟ ପଲ୍ଲୀ ଗାଁ ଗହଳଳି ଠାରୁ ଆରମ୍ଭ କରି ସହର ଯାଏଁ ଏହି ପର୍ବ ଧୁମଧାମରେ ଚାରି ଦିନ ଧରି ପାଳିତ ହୋଇଥାଏ । ଏହା ମିଥୁନ ମାସର ଦ୍ୱିତୀୟ ଦିନରୁ ଆରମ୍ଭ ହୋଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିନକୁ ବସୁମତୀ ସ୍ନାନ ଭାବରେ ପାଳନ କରାଯାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ବୋଲି ବୁଝାଯାଏ । 'ରଜସ୍ ?' ଶବ୍ଦରୁ 'ରଜ 'ର ସୃଷ୍ଟି ବୋଲି ବିଶ୍ୱାସ ରହିଛି । ଏହି ଶବ୍ଦର ଅର୍ଥ ରଜସ୍ୱଳା ବା ଯାହାକୁ ଋତୁମତୀ କୁହାଯାଏ। ପରମ୍ପରା ଓ ବିଶ୍ୱାସ ଅନୁଯାୟୀ ବସୁମତୀ ଏହି ତିନି ଦିନ ରଜସ୍ୱଳା ହୁଏ । ବସୁମତୀ ରଜସ୍ୱଳା ହେବାର ଅର୍ଥ ନୂଆ ଶସ୍ୟ ଅଙ୍କୁରିତ ହେବାର ପ୍ରତୀକାତ୍ମକ ଭାବ ବହନ କରିଥାଏ । ଗୋଟିଏ ବର୍ଷ ପାଇଁ ସେ ହୁଏ ସୃଜନଶୀଳା । ତେଣୁ ଉକ୍ତ ତିନି ଦିନ ପାଇଁ କୃଷକମାନେ ବସୁମତୀ ତଥା ହଳଲଙ୍ଗଳ ପୂଜା କରି କୃଷିକର୍ମରୁ ଅବ୍ୟାହତ ନେଇ ବସୁମାତାକୁ ବିଶ୍ରାମ ଦିଅନ୍ତି । ଭିନ୍ନ ଅର୍ଥରେ କହିଲେ ଯେପରି ଏକ ରଜସ୍ୱଳା ନାରୀ ଚାରି ଦିନ ପାଇଁ ଅଛୁଆଁ ରୁହେ, ସେପରି ବସୁଧା ମାତାକୁ ଅକ୍ଷତ ଓ ଅସ୍ପୃଶ୍ୟ ରଖାଯାଏ । ବସୁମତୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢାଏ । ଏହି ଦୃଷ୍ଟିରୁ ଏହାକୁ ମଧ୍ୟ ଏକ କୃଷିଭିତ୍ତିକ ପର୍ବ ଭାବେ ଗ୍ରହଣ କରାଯାଇଛି ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ସେଭଳି କୌଣସି ଯଥାର୍ଥ ପ୍ରାମାଣିକ ତଥ୍ୟ ନାହିଁ । କିମ୍ବଦନ୍ତୀରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ । ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉଡ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ଶାଶ୍ୱତ ପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇଛି । ତେଣୁ ଉତ୍କଳୀୟ ପର୍ବପର୍ବାଣି ସାମାଜିକ ପରିବେଶ ମଧ୍ୟରେ ରଜ ପର୍ବ ଗୌରବାନ୍ୱିତ ହୋଇଛି । ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଅହେତୁକ ଆନନ୍ଦ, ଉଲ୍ଲାସ, ଉଦ୍ଦୀପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଆସିଛନ୍ତି ।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ ଭାବେ ଗ୍ରହଣ କରାଯାଏ । କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଲୁଚି ରହିଛି । ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବା ସମୟରେ ମୟଦାନବ ନାମରେ ଆଉ ଜଣେ ରାଜା ଭିନ୍ନ ଏକ ରାଜ୍ୟରେ ଶାସନ କରୁଥିଲେ । ଦୁହେଁ ରାକ୍ଷସମାନଙ୍କର ରାଜା ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଖୁବ ନିବିଡ଼ ସମ୍ପର୍କ ଥିଲା । ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ପ୍ରତିଭାବାନ, ବୀର ଓ ସୁନ୍ଦର ଥିବାରୁ ଉଭୟେ ପରସ୍ପର ପ୍ରତି ଆକର୍ଷିତ ଓ ମିଳନରୁ ମନ୍ଦୋଦରୀ ଅନ୍ତଃସତ୍ତ୍ୱା ହେଲେ । ଅବିବାହିତ ମନ୍ଦୋଦରୀଙ୍କ ଠାରୁ ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ସମାଜରେ ଲୋକ ଲଜ୍ଜା ଓ କଳଙ୍କ ଭୟରେ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଜ୍ୟରେ ଥିବା ମିଥିଳା ନଗରକୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ । ଏହି କାରଣରୁ ମିଥିଳାରେ ଅକାଳ ପଡ଼ିଲା । ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି ଡାକିଲେ । ସେତେବେଳେ ମିଥିଳା ରାଜ୍ୟର ପ୍ରଜାବତ୍ସଳ ରାଜା ଥିଲେ ଜନକ । ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କର ମତାନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ । "ର 'ଅର୍ଥ ସଂସାର ଓ "ଜ ' ଅର୍ଥ ଯୋଚିବା । ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହେବା ଫଳରେ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ପୌରାଣିକ ମତାନୁସାରେ ସେହି ଦିନଠାରୁ ରଜ ପର୍ବର ଆରମ୍ଭ ଘଟିଥିବା ବିଶ୍ୱାସ କରାଯାଏ । କାରଣ ରାଜା ଜନକ ହଳ ଯୋଚି ଏକ କନ୍ୟା ରତ୍ନ (ସୀତା) ଭୂମିରୁ ପାଇଥିବାରୁ ଓ ମିଥିଳାବାସୀଙ୍କୁ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଥିବା କୁହାଯାଏ ।

**ପରିଚର୍ଚ୍ଚାର ପୃଥିବୀ**



**ଡକ୍ଟର ଲକ୍ଷ୍ମଣ ସାହୁ**

**ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ରୀତିନୀତି ସହ ରଜପର୍ବ ପାଳନ କରାଯାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ମାତୃ ଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ ଥିବାରୁ ଝଂକଡ଼ରେ ଥିବା ଦେବୀ ସାରଳା, ଯାଜପୁରରେ ଦେବୀ ବିରଜା, ବାଙ୍କୀରେ ଦେବୀ ଚର୍ଚ୍ଚିକା, ଚୌଷଠି ଯୋଗିନୀଙ୍କୁ ମଧ୍ୟ ଏହି ଅବସରରେ ବିଶେଷ ଭାବରେ ପୂଜା କରାଯାଇଥାଏ ।**

ଅନ୍ୟ ପଟେ କହିବାକୁ ଗଲେ ଏହି ମୃତ୍ତିକା ବକ୍ଷରେ ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଛି । ଏହି ମୃତ୍ତିକା ହିଁ ମହାନ୍ ମାନବ ସଭ୍ୟତା ଓ ସାମାଜିକ ଜୀବନକୁ ପ୍ରାଣ ପ୍ରତିଷ୍ଠା କରିଛି । ମନୁଷ୍ୟର ଜୀବନଧାରଣ ପାଇଁ ବୈଜ୍ଞାନିକ ସାଧନ ଆବିଷ୍କୃତ ହୋଇଥିଲେ ମଧ୍ୟ ଆବଶ୍ୟକୀୟ ଅନ୍ନ ମୁଠିକ ନିମନ୍ତେ ମଣିଷ ମୃତ୍ତିକା ଓ ମୌସୁମୀ ଉପରେ କେବଳ ନିର୍ଭର କରିଆସିଛି । ଏହାକୁ ଲକ୍ଷ୍ୟକରି ଶ୍ରୀମଦ୍ ଭଗବତ ଗୀତାରେ ଉଲ୍ଲେଖ କରାଯାଇଛି –

"ଅନ୍ନାଦ୍ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ
ଯଜ୍ଞାଦ୍ଭବତି ପର୍ଜନ୍ୟୋ ଯଜ୍ଞଃ
କର୍ମସମୁଦ୍ଭବଃ" ।

ଅର୍ଥାତ୍ ଅନ୍ନ ହେଉଛି ଜୀବନଧାରଣର ଏକ ଉପାଦାନ । ଏହାର ସୃଷ୍ଟି ମେଘରୁ, ପୁଣି ମେଘର ସୃଷ୍ଟି ଯଜ୍ଞରୁ ଓ ଯଜ୍ଞର ସୃଷ୍ଟି କର୍ମରୁ ତେଣୁ ଆମ କୃଷିକୈନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏହିଭଳି ନାନା ପର୍ବପର୍ବାଣି ସୃଷ୍ଟି ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଛି ।

ଜ୍ୟୋତିଷ ଶାସ୍ତ୍ରାନୁସାରେ ସୂର୍ଯ୍ୟ ବୃକ୍ଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରେ, ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ । ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାରୀର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳୀ, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ । ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ । ତେଣୁ ରଜ ପର୍ବ ଭାବେ ଏହାକୁ ପାଳନ କରାଯାଏ । ଅନ୍ୟ ଦୃଷ୍ଟିରୁ ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଓ ମୃତ୍ତିକାର ମହାମିଳନ ଘଟେ । ଆକାଶ ପଥରେ ଘନ ମେଘମାଳା ଭାସି ଭାସି ଆସି ଧରିତ୍ରୀ ବକ୍ଷରେ ଅଜସ୍ର ବାରିରାଶି ଢାଳି ଦିଅନ୍ତି । ନାରୀ ସଦୃଶା ଏହି ମାତା ବସୁନ୍ଧରା ରାଜସ୍ୱରେ ହାଇ ପୂର୍ଣ୍ଣ ଉତ୍ପାଦିକା ଶକ୍ତି ଲାଭ କରିଥାଏ । ଏଣୁ ଉତ୍କଳୀୟ ସଂସ୍କୃତିର ରଜପର୍ବ ବା ମୃତ୍ତିକା ପୂଜା ଏକ ପ୍ରଧାନ ଉତ୍ସବ ଭାବରେ ପାଳିତ ହୋଇଥାଏ । ଜ୍ୟେଷ୍ଠ ମାସର ଶେଷ ଦିନ ଓ ଆଷାଢ଼ ମାସରେ ପ୍ରଥମ ଦୁଇ ଦିନ, ଏହିଭଳି ମୋଟ ତିନି ଦିନ ଓଡିଶାର ଘରେ ଘରେ ରଜପର୍ବ ପାଳନ କରାଯାଏ । ପ୍ରଥମ ଦିବସକୁ 'ପହିଲି ରଜ ', ଦ୍ୱିତୀୟ ଦିବସକୁ 'ରଜ ସଂକ୍ରାନ୍ତି ' ଓ ତୃତୀୟ ଦିବସକୁ 'ଭୂମିଦାହ 'ନାମରେ ନାମିତ କରାଯାଇଛି । ରଜ ପର୍ବର ଅନ୍ତିମ ଚତୁର୍ଥ ଦିବସ ହେଉଛି ବସୁମତୀ ସ୍ନାନ । ଏହି ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି , ଭୋଗ ରାଗ ସହ ବସୁମତୀ ସ୍ନାନ କରାଯାଏ । ଯାହା ଫଳରେ ହିଁ ମୃତ୍ତିକା ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ।

ରଜ ଚାଷୀଘରେ ଆନନ୍ଦ ମଉଜ ମଜଲିସର ଉତ୍ସବ ହୋଇଥିବାରୁ ଏହା ସ୍ୱତଃ ଧର୍ମୀୟ ଭାବଧାରା ଭିତରେ କେଉଁ କାଳରୁ ଯୋଡି ହୋଇଯାଇଛି । ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ରୀତିନୀତି ସହ ରଜପର୍ବ ପାଳନ କରାଯାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଏହି ପର୍ବ ମାତୃ ଶକ୍ତି ଉପାସନା ପାଇଁ ଉଦ୍ଦିଷ୍ଟ ଥିବାରୁ ଝଂକଡ଼ରେ ଥିବା ଦେବୀ ସାରଳା, ଯାଜପୁରରେ ଦେବୀ ବିରଜା, ବାଙ୍କୀରେ ଦେବୀ ଚର୍ଚ୍ଚିକା, ଚୌଷଠି ଯୋଗିନୀଙ୍କୁ ମଧ୍ୟ ଏହି ଅବସରରେ ବିଶେଷ ଭାବରେ ପୂଜା କରାଯାଇଥାଏ । ଏପରିକି ଆଦିବାସୀ ସଂସ୍କୃତି ପରଂପରାରୁ ଜଣାଯାଏ, ଏହି ପର୍ବରେ ଦେହୁରି ନିହାଣ ବାରିସି ଆଦି ରଜ ଦୋଳିରେ ରଖି ଏହାକୁ ଅଢେଇବେଣ୍ଟ ଝୁଲାଇଥାଏ । ପ୍ରଥମେ ନୀହାର ବାରିସିକୁ ଝୁଲାଇବା ଦ୍ୱାରା ସ୍ୱର୍ଗର ଶିଳ୍ପ ବିଶ୍ୱକର୍ମାଙ୍କ ପ୍ରତି ସମ୍ମାନ ଜଣାଏ । ପରେ ଆଦିବାସୀ ମାନେ ଲୋକ ଗୀତରେ ଦୋଳି ଖେଳରେ ମଜ୍ଜିଯାଆନ୍ତି । ଶବର- ଶବରଣୀ ନାଚ ନୃତ୍ୟରେ ଶବର ତା'ର ଆରାଧ ଦେବତା ଶ୍ରୀ ଜଗନ୍ନାଥଙ୍କ ପ୍ରତି ସମ୍ମାନ ଜଣାଏ । ଆଦିବାସୀମାନଙ୍କ ଗଭୀର ବିଶ୍ୱାସଯେ ମା ' ସୀତା ଏହି ଦିନ ଗର୍ଭବତୀ ହୋଇଥିଲେ । ତେଣୁ ସେମାନେ ଶବର ନୃତ୍ୟ ମାଧ୍ୟମରେ ଆର୍ଯ୍ୟଦେବତା ଓ ଆର୍ଯ୍ୟ ସଂସ୍କୃତିକୁ ସମ୍ମାନ ଜଣାଇଥାନ୍ତି । ଶବରୁଣୀ ଶବରକୁ କୃଷି କର୍ମରେ ତତ୍ପର ହେବାକୁ ପ୍ରବାର୍ତ୍ତାଏ । ଶେଷରେ ଆଶ୍ରୁଳ ଆଖିରେ ସମସ୍ତେ ରଜକୁ ବିଦାୟ ଦେଇଥାନ୍ତି । ରଜପର୍ବ କେବଳ ଓଡ଼ିଶାରେ ନୁହେଁ ଆସାମରେ ଅମ୍ବୁବାଚି ବା କାମାକ୍ଷାଦେବୀଙ୍କ ରଜପର୍ବ ନାମରେ ପାଳନ ହେଉଥିବା ଜଣାଯାଏ । ମିଥୁନ ସଂକ୍ରାନ୍ତି ଅବସରରେ ୫୨ ଶକ୍ତିପିଠ ମଧ୍ୟରୁ ଗୌହାଟିରେ ଥିବା ପ୍ରମୁଖ କାମାକ୍ଷା ଦେବୀଙ୍କ ପୀଠ ଲୋକାରଣ୍ୟ ହୁଏ ବିଶ୍ୱାସ କରାଯାଏ ଦେବୀ କାମାକ୍ଷା ଏହି ସମୟରେ ରଜବତୀ ହୁଅନ୍ତି । ଦେବୀଙ୍କ ମହାସ୍ନାନ ପରେ ୪ର୍ଥ ଦିନ ଭକ୍ତମାନେ ମନ୍ଦିର ଭିତରେ ପ୍ରବେଶ କରିଥାନ୍ତି । ଦେଶ ବିଦେଶରୁ ଅନେକ ତାନ୍ତ୍ରିକ, ସାଧୁ ସନ୍ୟାସୀ ଦେବୀଙ୍କ ଆଶୀର୍ବାଦ ପାଇବା ପାଇଁ ଏଠାକୁ ଆସନ୍ତି । ଓଡିଶାର ରଜପର୍ବ ପରି ରାଜସ୍ଥାନରେ ମଧ୍ୟ ପାଳନ ହୁଏ 'ଡାଜପତ୍ର '। ସେଠାରେ କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳି ଖେଳନ୍ତି । ରଜପର୍ବ ଭଳି କେରଳରେ ପାଳିତ ହେଉଥିବା ପର୍ବର ନାଁ 'ଓନାମ ' । ଓଡିଶା ଭଳି ସେଠାରେ ଦୋଳିଥାଏ , ପିଠାପଣା ହୁଏ, ଆଉ ନାଚଗୀତରେ ପୁଅଝିଅମାନେ ନାଚି ଆନନ୍ଦ ଉଲ୍ଲାସ କରନ୍ତି । ସାଧାରଣ ଦୃଷ୍ଟିରେ ରଜପର୍ବ ପ୍ରତିବର୍ଷ ଜୁନ ମାସରେ ହିଁ ପଡିଥାଏ । ଚନ୍ଦ୍ରଙ୍କ ନାଁ ଅନୁସାରେ ଏହି ମାସରେ ନାମକରଣ କରାଯାଇଛି । ରୋମରେ ଲୋକେ ଜୁନୋଙ୍କୁ ମାତୃତ୍ୱରେ ଦେବୀ ଭାବେ ପୂଜା କରୁଥିବା ବେଳେ ତାଙ୍କରି ନାଁରେ ନାମକରଣ ହୋଇଥିବା ଜୁନ ମାସରେ ରଜପର୍ବର ସଂଯୋଗ ଅପୂର୍ବ ସାମଞ୍ଜସ୍ୟ ରଖିଥାଏ ।

ବିଶେଷ କରି ରଜପର୍ବ ଗ୍ରାମାଞ୍ଚଳର ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ିଉଠେ । ପରସ୍ପରର ତନ, ମନ, ଭାବର ଆଦାନ ପ୍ରଦାନ ସହ ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ । ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥପରତାକୁ ଦୂରେଇ ସମସ୍ତେ ଏକାକାର ହୋଇ ଉଠନ୍ତି । ଏକାଠି ସୁସ୍ୱାଦୁ ଯୁକ୍ତ ରନ୍ଧା ଖାଦ୍ୟ ଖାଇବା ପାଇଁ ମେଳ ହୋଇ ଭୋଜିର ବ୍ୟବସ୍ଥା କରନ୍ତି । ସାଧାରଣତଃ ଝିଅମାନେ ଖାଲି ପାଦରେ ଚାଲିବାକୁ ବାରଣ କରାଯାଇଥିବା ବେଳେ କଦଳୀ ପଟୁଆ ପିନ୍ଧି ଚାଲିଥାନ୍ତି । ସବୁରି ଘରେ ନାନା ପ୍ରକାର ପିଠା, ପୋଡ ପିଠା, ଏଣ୍ଡୁରି ପିଠା, ମିଠାନ୍ନ ପ୍ରସ୍ତୁତି ହୁଏ । ବିଶେଷତଃ ପୋଡପିଠା ଓ ପାନ ଖାଇବା ସହ ଝିଅ ମାନେ ଦୋଳି ଖେଳିଥାନ୍ତି । ବିଭିନ୍ନ ପ୍ରକାରର ଯେପରିକି 'ରାମ ଦୋଳି', 'ଚକ୍ରୀ ଦୋଳି', 'ପଟା ଦୋଳି', 'ଦାଣ୍ଡି ଦୋଳି ' ଖେଳି ପ୍ରଚଳିତ ଲୋକ ଗୀତ ଗାଇଥାନ୍ତି- 'ବନେସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ/ ଆସିଛି ରଜଲୋ/ ଘେନି ନୂଆ ସଜବାଜ, ବଉଳେଲା ଘେନି ନୂଆ ସଜବାଜ ।' ଏଥିରେ ଲୁଚି ରହିଥାଏ ଓଡ଼ିଆ ସଂସ୍କୃତିର ପ୍ରେମ, ସ୍ନେହ, ସମ୍ମାନ, ସାମାଜିକ ଆଚରଣ ଓ ସାମାଜିକ ଜୀବନର ସବୁକିଛି । ପୁଅମାନେ ଏହି ଦିନରେ କବାଡି,ବାଗୁଡି ଖେଳ ଖେଳି ରଜ ପାଳନ କରିଥାନ୍ତି । ଏପରିକି ବିଭିନ୍ନ ସ୍ଥାନରେ ଅଦ୍ୟାବଧି ମିଳିତ ଉଦ୍ୟମରେ ବଡ଼ ଧରଣର ଯାତ୍ରା ଓ ମନୋରଞ୍ଜନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ବାସ୍ତବରେ ନୈନ୍ଦିନ ସଂସାର ଭିତରେ ସୁଖ ଦୁଃଖର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ମଧ୍ୟରେ ଶାରୀ ପରି ଜୀବନ ଅତିବାହିତ କରି ଥିବା ଉଭୟ ନାରୀ ପୁରୁଷ ଏହି ରଜ ତିନି ଦିନ ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ତତ୍ପର ହୋଇଉଠିଥାନ୍ତି ତାହା ଅବର୍ଣ୍ଣନୀୟ । ଏହି ଦୃଷ୍ଟିରୁ ଉତ୍କଳୀୟ ସଂସ୍କୃତିରେ ଏହି ରଜ ମହୋତ୍ସବ ଜାତି ହୀନ, ବର୍ଣ୍ଣ ହୀନ, ଧର୍ମ ହୀନ ଏକ ସମାନତାର ଗଣପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ ।

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫**

# ଗୀତରେ ଗୀତରେ ରଜମହକ ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ

**କ୍ଟର ରାଜକିଶୋର ନାୟକ**

ଉତ୍କଳୀୟ ସମାଜ ଜୀବନରେ ରଜପର୍ବ ପାଳନର ପରମ୍ପରା ଅତି ପୁରାତନ । କୃଷି ଓଡ଼ିଶା ମାଟିର ପ୍ରଧାନ ଅବଲମ୍ବନ । ସୁତରାଂ, ମାଟିମାଆର ପୂଜା କରି କୃଷକ ସମାଜ ରଜପର୍ବ ପାଳନ କରେ । ସାଧାରଣତଃ ରଜପର୍ବ ପୂର୍ବରୁ କୃଷକମାନେ ଧାନ ବୁଣା ଶେଷ କରି ବର୍ଷାର ଅପେକ୍ଷାରେ ରହିଥାନ୍ତି । ଅଷାଢର ଆଗମନରେ ପ୍ରଥମ ବାରିପାତ ହୋଇ ମାଟି ଓ ମେଘର ଅପୂର୍ବ ମିଳନ ହୋଇଥାଏ । ତତସହିତ ଉତପ୍ତ ଧରିତ୍ରୀମାତା ଶୀତଳ ହୋଇ ପ୍ରଜନନକ୍ଷମ ହୋଇଥାଏ । ଧରିତ୍ରୀ ମାପକୁ ରଜସ୍ୱଳା ନାରୀ ସହିତ ତୁଳନା କରି ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ କୃଷକ ସମାଜ ରଜପର୍ବ ପାଳନ କରିଥାଏ ।

ରଜପର୍ବ ତିନିଦିନ ବ୍ୟାପୀ ପାଳିତ ହୋଇଥାଏ ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନକୁ ଭୂମି ଦହନ ଭାବେ ପାଳନ କରାଯାଏ । ଉକ୍ତ ସମୟରେ ସମସ୍ତ ପ୍ରକାର କୃଷି କାର୍ଯ୍ୟ ନିଷେଧ ହୋଇଥାଏ । କୁମାରୀମାନେ ଭୂମିକୁ ସ୍ପର୍ଶ ନ କରିବା ପାଇଁ ପାଦରେ ଚପଲ କିମ୍ବା କଦଳୀ ପାଟୁଳା ବାନ୍ଧି ଚଳପ୍ରଚଳ କରିଥାନ୍ତି । ଘରେ ଘରେ ପିଠାପଣା, ପାଚିଲା ଆମ୍ବ, ପଣସ ଖାଇବାର ସୁବନ୍ଦୋବସ୍ତ ହୋଇଥାଏ । ତତସହିତ ରଜପାନ ଖାଇବାର ବିଧି ପାଳନ କରି ସମସ୍ତେ ଖୁସି ହୋଇଥାନ୍ତି । ପୁରୁଷମାନେ ତାସ, ବାଗୁଡି ଓ ପଣାଖେଳରେ ମଜ୍ଜି ଯାଇଥାନ୍ତି । କୁମାରୀକନ୍ୟାମାନେ ନବବସ୍ତ୍ର ପରିଧାନ କରି ଓ ସଜବାଜ ହୋଇ ଦୋଳି ଝୁଲନ୍ତି । ସେମାନଙ୍କ ଦ୍ୱାରା ବୋଲା ଯାଉଥିବା ମନଫୁଲାଣିଆ ଦୋଳିଗୀତ ସମଗ୍ର ପରିବେଶକୁ ଉତ୍‌ଫୁଲିତ କରିଥାଏ । ଶ୍ରୋତାମାନେ ଦୋଳି ଗୀତ ଶୁଣି ରଜପର୍ବର ମହକ ପାଇଥାନ୍ତି । ଏହି ଗୀତ ରଜପୂର୍ବରୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥାଏ । ରଜ ସଂକ୍ରାନ୍ତିରେ କେହି କାମ କରନ୍ତି ନାହିଁ । ତେଣୁ ପୂର୍ବରୁ ପାଣି ବୋହିଆଣି ସଂଗ୍ରହ କରି ରଖିବାକୁ ତତ୍ପରତା ଦେଖା ଦେଇଥାଏ । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ କୁମାରୀମାନେ କେବଳ ଦୋଳି ଝୁଲି ଏକତରଫା ଭାବରେ ଗୀତ ବୋଲନ୍ତି । ଏହାର କେହି ପ୍ରତିବାଦୀ ନଥାନ୍ତି । ମାତ୍ର ଉତ୍ତର ଓଡ଼ିଶାର ବନଜାତି ସମ୍ପ୍ରଦାୟ- ବାଥୁଡି ଓ ଖଡିଆ ପ୍ରଭୃତି ସମ୍ପ୍ରଦାୟରେ ଦୋଳିଗୀତ ଯୁବକ ଓ ଯୁବତୀମାନଙ୍କ ମଧ୍ୟରେ ବାଦୀ ରୂପ ନେଇଥାଏ ।

"ଜାମୁ କୋଳି କଳାକଳା
ପ୍ରଥମେ ବଲୁଛି ମା' ମଙ୍ଗଳା ।"

ତତ୍‌ସହିତ ଦୋଳି ଝୁଲିବା ପାଇଁ ଗୋଟିଏ ଦଳ ପ୍ରତିପକ୍ଷ ଦଳକୁ ସ୍ୱାଗତ ଜଣାଇଥାନ୍ତି । ଏପରି ଆବେଗଭରା ଗୀତର ମର୍ମ ହୃଦୟସ୍ପର୍ଶୀ ହୋଇଥାଏ । ପ୍ରତିପକ୍ଷ ଦଳ ମଧ୍ୟ ଦୋଳି ଝୁଲିବା ପ୍ରସ୍ତାବକୁ ଗ୍ରହଣ କରି ଯେଉଁ ଗୀତ ବୋଲନ୍ତି, ତାହା ହୃଦୟଗ୍ରାହୀ ହୋଇଥାଏ ।

"ସୋରିଷ ଫୁଲ କ୍ଷେତରେ
ବରଷକୁ ରଜ ଆସିଛି ଥରେ
ଆସିଛି ଥରେ, ଦୋଳି ଝୁଲିବା
ସାଙ୍ଗରେ ।"

ଦୋଳିରେ ବସିବା ସହିତ ଦୋଳିଗୀତର ମଧୁର ସ୍ୱର ସମଗ୍ର ପରିବେଶରେ ଉଛୁଳି ପଡେ । ଏହି ଗୀତ ପୂର୍ବରୁ କେହି ଲେଖି ରଖିନଥାଏ । ତତକ୍ଷଣାତ୍ ମନରେ ଖଞ୍ଜି ଏହି ଗୀତ ବୋଲା ଯାଉଥିବାରୁ ଆଶୁ କବିତ୍ୱର ପରାକାଷ୍ଠା ଦେଖାଯାଇଥାଏ ।

"ପାହାଲ ତଳିଆ ଆମ୍ବ
ହେଇଖେଲା ନାନୀ ଗୀତ ଆରମ୍ଭ
ଗୀତ ଆରମ୍ଭ, ଛାତି କରିଥିବ ଦମ୍ଭ ।"

ଯୁବତୀମାନେ ମଧ୍ୟ ଏହି ଗୀତର ଜବାବ ଦେବାକୁ ପଛାଇ ନଥାନ୍ତି । ସ୍ରୋତାମାନେ ମଧ୍ୟ ଏପରି ମନଛୁଆଁ ଗୀତ ଶୁଣି କୁରୁଳି ଉଠନ୍ତି । ସୁତରାଂ, ରଜର ମଉଜ ସମସ୍ତଙ୍କୁ ସ୍ତବ୍ଧ କରିଥାଏ ।

"ବାଘ ଚାଲେ ନଟା ନଟା
ଗୀତ ଗାଇଦେବି କଳିଜା ଫଟା
କଳିଜା ଫଟା, ମନ ହେଇଯିବ ଖଟା ।"

ସମୟ ସମୟରେ ଯୁବସୁଲଭ ଚପଳତା ଦୋଳି ଗୀତରେ ପ୍ରତ୍ୟେକ ପାଖୁଡାକୁ ରସସିକ୍ତ କରିଥାଏ । ଏହାବ୍ୟତୀତ ପ୍ରେମ ଓ ସ୍ନେହର ଛିଟା ସେମାନଙ୍କ ପ୍ରାଣକୁ ଆବେଗରେ ଭରି ଦେଇଥାଏ । ଯୁବ ପ୍ରାଣର ଅଭିବ୍ୟକ୍ତି ଦୋଳି ଗୀତର ଐଶ୍ୱର୍ଯ୍ୟ ବୃଦ୍ଧି କରିଥାଏ । ବେଳ ବେଳେ ସ୍ୱାଭିମାନର ସ୍ୱର ଦୋଳିଗୀତକୁ ଭାରାକ୍ରାନ୍ତ କରିଥାଏ ।

"ନଈ ପାଣି ଗିନେ ଗିନେ
ଆମକୁ ସଙ୍ଗାତ ନକର ମନେ
ନକର ମନେ, ତମର ଅଛନ୍ତି ଭିନ୍ନେ ।"

ଯୁବତୀମାନଙ୍କର ସ୍ୱାଭିମାନର ଭାଙ୍ଗିବା ପାଇଁ ଯୁବକମାନେ ପ୍ରୟାସ କରିଥାନ୍ତି । ସେମାନେ ଗୀତରେ ଗୀତରେ ଯେଉଁ ଉତ୍ତର ଦେଇଥାନ୍ତି, ତାହା ଯୁବତୀମାନଙ୍କୁ ଆଚମ୍ବିତ କରିଥାଏ ।

"ଗିନାର ଉପରେ ଗିନା
ତୋ ନାମି ସଙ୍ଗାତ ନିତି ଭାବନା
ନିତି ଭାବନା, କାଲିଠୁ ଖାଇନି ଦାନା ।"

ଦୋଳିଗୀତର ଏହି ଅମୂଲ୍ୟ ପରମ୍ପରା ରଜପର୍ବକୁ ଉପଭୋଗ୍ୟ ଦୋଳିଗୀତର ଥାଏ, ପ୍ରେମ, ଶ୍ରଦ୍ଧା ଓ ବନ୍ଧୁଭାବନାର ଅତୁଟ ବନ୍ଧନ । ତେଣୁ ଦୋଳିଗୀତର ଆସଣ ଭାଙ୍ଗିବା ପୂର୍ବରୁ ସେମାନେ ଯେଉଁ ଗୀତ ବୋଲନ୍ତି ତାହା ଜୀବନଧର୍ମୀ କୁହାଯାଏ ।

"ଆମ୍ବ ଗଛ ଆବୁ ଆବୁ
ମରିହଜିଗେନେ ପାଉଁଶ ହବୁ
ପାଉଁଶ ହବୁ । ଏ ଭାବ କାହିଁ ପାଇବୁ ?"

ଜୀବନ ଦର୍ଶନର ଏହି ପଦାବଳୀ ମଣିଷ ମନରେ ଭାବାନ୍ତର ସୃଷ୍ଟି କରିଥାଏ । ତେଣୁ ଦୋଳିଗୀତରେ ଅନ୍ତିମ ପର୍ଯ୍ୟାୟ ବିଛେଦର ଯନ୍ତ୍ରଣାକୁ ହୃଦୟ ବିଦାରକ କରିଥା, । ଏହା ମଧ୍ୟ ଯୁବ ପ୍ରାଣର ଅଭିବ୍ୟକ୍ତିକୁ ମାର୍ମିକ ରୂପ ଦେଇଥାଏ । ଏହିପରି ଭାବରେ ରଜମଉଜର ପରିସମାପ୍ତି ଘଟିଥାଏ ।

**ଭୁଗୁଡାକଟ, ବାରିପଦା, ମୟୂରଭଞ୍ଜ
ମୋ-୯୪୩୭୦୧୫୬୮୧**

**ଯଶସ୍ୱିନୀ ପଟ୍ଟନାୟକ**

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପ୍ରତିବର୍ଷ ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ ଓ ପର ଦିନକୁ ଭୂମି ଦହନ କୁହାଯାଏ । ଭୂମି ଦହନରେ ଚାଷବାସ ବା ମାଟି ହାଣିବା କାର୍ଯ୍ୟ କରାଯାଏ ନାହିଁ । ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜ ପର୍ବ ପାଳନ ଶେଷ ହୁଏ । ରଜ କୃଷି ସହ ସଂପର୍କିତ ପର୍ବ । ଏହି ମାସରେ ମାଟି ସହ ମେଘର ମିଳନ ହୁଏ । ତା ପରେ ଆସିଥାଏ ଚାଷ ଋତୁ । କାମ ଆରମ୍ଭ ପୂର୍ବରୁ ବିଶ୍ରାମ ନେବା ପାଇଁ ଏବଂ ଦେବା ପାଇଁ ସମ୍ଭବତଃ ଏହି ପର୍ବର ସୃଷ୍ଟି । ଆଷାଢ଼ ମାସରେ ବର୍ଷାପାଣି ପଡ଼ିଲେ ଭୂଇଁ ଉତ୍ପାଦନକ୍ଷମ ହୁଏ । କୁଆଁରୀ କନ୍ୟାମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଝିଅ, ଯୁବତୀ ଓ ମହିଳା ରଜ ତିନି ଦିନ ଗୃହ କାର୍ଯ୍ୟ ନ କରିବା ହେଉଛି ଖାଣ୍ଟି ଓଡ଼ିଆ ପରମ୍ପରା ।

ସରଳ ପଲ୍ଲୀବାଳା ଓଠରେ ଉକୁଟି ଉଠିଛି ପାନଖିଆ ଖିଲି ଖିଲି ହସ । ଅଳତା-ହଳଦୀମଖା ବୋହୂଟି ଗହଣାରେ ସଜବାଜ ହୋଇ ଦୋଳିରେ ଝୁଲିବା ଆରମ୍ଭ ହୋଇଯାଇଛି । କୁଙ୍କୁମ, ଚନ୍ଦନ ବେଶରେ କୁଆଁରୀ ଏ ଡାଳ ଦୋହଲାଇ ଦୋଳି ବାହି ଗୀତ ଆରମ୍ଭ କରି ଦେଇଛନ୍ତି – 'ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ ଲୋ / ଘେନି ନୂଆ ସଜବାଜ ।' ଆରମ୍ଭ ହୋଇଯାଇଛି ରୂପସଜ୍ଜା, ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ । ଜରାଗ୍ରସ୍ତ ଧରିତ୍ରୀର ତନିମାରେ ରଜ ଜଗାଇବ ପୂର୍ଣ୍ଣ ଯୌବନର ଦୀପ୍ତି । ମାଟି, ମୌସୁମୀ ଓ ମଣିଷର ମିଳନ ପର୍ବରେ ଶସ୍ୟଗର୍ଭା ପୃଥିବୀର ମାତୃତ୍ୱର ସଫଳତା କାମନା କରି ସୃଷ୍ଟିର ଜୟଗୀତି ଗାନ କରିବ କୃଷକ । ଶରୀର ପାଇଁ ବିଶ୍ରାମ, ମନ ପାଇଁ ଆନନ୍ଦ ଏବଂ ପୃଥିବୀ ଶସ୍ୟଶାମଳା ହେବା ପାଇଁ ପ୍ରାର୍ଥନା କରିବ ମଣିଷ । ରଜ ଆସିଛି ଆଜି ଗାଁ ଆଉ ସହରରେ । ଦୋଳିରେ ଦୋଳିରେ ରଜଗୀତର ସୁଅ ଛୁଟିଆସୁଛି । ପୋଡପିଠା, ବାଗୁଡ଼ିଖେଳ, ତାସ୍, ପୁଚିଖେଳ ଆଉ ରଙ୍ଗ ବେରଙ୍ଗର ପୋଷାକରେ ସଜେଇ ହୋଇ ରଜ ପାଳିବାରେ ମଜି ଯାଇଛନ୍ତି ସମସ୍ତେ । ଉନ୍ମନା କୁଆଁରୀ ଝିଅର ପାଦରେ ଅଳତା, ମଥାରେ ବିନ୍ଦି, ଶାଢ଼ୀ ଆଉ ସଜବାଜରେ ସେ ବି ରଜର ଖୁସି ମନଉଛି । ଋତୁମତୀ ଧରାର ସଙ୍କେତ ବହନ କରି କୁଆଁରୀ ପାଦ ଆଉ ମାଟି ଛଡ଼ନ୍ତି । ସବୁ ପର୍ବଠୁ ନିଆରା ରଜ । ଖାସ୍ ଏଇଥିପାଇଁ ଯେ ଏହା ଖାସ୍ ଓଡ଼ିଶାର ନିଜସ୍ୱ ଆଉ ମାଟି ମାଆର ପୂଜାରେ ଏହାର ପରମ୍ପରା କାହିଁ କେଉଁ କାଳର ।

କୁହାଯାଏ, ପୃଥିବୀର ପ୍ରଥମ ଧାନଚାଷ ଓଡ଼ିଶାରେ ହୋଇଥିଲା । ଆଉ ଓଡ଼ିଶାରେ ହିଁ ରଜ, ଅକ୍ଷୟ ତୃତୀୟା ଭଳି କୃଷିଭିତ୍ତିକ ପର୍ବ ଏଠାରେ ସଂସ୍କୃତି ସହ ଜଡ଼ିତ ହୋଇପାରିଛି । ଖରା ଚାଲିଯାଇଛି । ମୌସୁମୀ ଆସିଗଲାଣି । ଏବେ ଖାଲି ବର୍ଷା ଆଉ ବର୍ଷା । ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆର୍ଦ୍ର ହୋଇଛି ମାଟି । ମାଟିର ଗନ୍ଧ ମହକେଇ ଦେଉଛି ଦୁନିଆ । ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବ । ହେଲେ ପୃଥିବୀ ଏବେ ଋତୁମତୀ । ରଜସ୍ୱଳା ନାରୀ ପରି ତାର ପାଇଁ ଏଇ ପାଞ୍ଚଦିନ ବିଶ୍ରାମର ବେଳ । ଭୂଇଁରେ କର୍ଷଣ ମନା । ଏଇ କିଛିଦିନ ସମସ୍ତଙ୍କ ପାଇଁ ମଉଜ ଆଉ ଫୁରସତ୍‌ର ବେଳ । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ସୃଷ୍ଟି । ଓଡ଼ିଶାର ଜାତୀୟ ପର୍ବ ରଜ । ଏହା କେବଳ ସାର୍ବଜନୀନ, ଆନନ୍ଦଦାୟୀ ପର୍ବ ନୁହେଁ, ଝିଅମାନଙ୍କର ଦୋଳି ଖେଳର ଅବସର ନୁହେଁ, ବରଂ ସମସ୍ତଙ୍କ ମନ, ପ୍ରାଣ ଓ ଶରୀର ପାଇଁ ଆମୋଦକାରୀ ଅବସର । ଗାଁରେ ରଜପର୍ବର ମାହୋଲ ବେଶ୍ ଜମିଥିବା ବେଳେ ସହରରେ ମଧ୍ୟ ଲୋକେ ଖୁବ୍ ଉତ୍ସାହର ସହ ଏହି ରଜପର୍ବ ପାଳିଥାନ୍ତି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବର ଆୟୋଜନ ଏହି ସହରୀ ଲୋକଙ୍କୁ ବି ବେଶ୍ ମନୋରଞ୍ଜନର ଖୋରାକ ଦେଇଛି । କିନ୍ତୁ ଗୋଟିଏ କଥା ଯେ କ୍ରମଶଃ ପରମ୍ପରାରୁ ଦୂରେଇଯାଇ ସୌଖିନ ଫେସନ ହେବାକୁ ବସିଛି ଆମର ପର୍ବପର୍ବାଣି । କମିଯାଉଛି ପୋଡ଼ପିଠାର ରୁଚି ଆଉ ଦୋଳିଗୀତର ପରମ୍ପରା । ତଥାପି ସଂସ୍କୃତିର ଚିହ୍ନ ସମ୍ପୂର୍ଣ୍ଣ ଲିଭିଯାଇନାହିଁ । ଓଡ଼ିଆ ମାନସିକତା ଏବେ ବି ଅନେକ ସଂସ୍କୃତିପ୍ରେମୀଙ୍କୁ ଉଦ୍‌ବୁଦ୍ଧ କରି ରଖିଛି, ଯାହା ଏ ଜାତି ପାଇଁ ସର୍ବାଦୌ ଅପରିହାର୍ଯ୍ୟ । ଯିଏ ଯେଉଁଠି ଥିଲେ ବି ରଜରେ ବନ୍ଧୁବାନ୍ଧବଙ୍କର ଗହଣରେ ଖୁସି ଭରିଯାଏ ଘର ଭିତରେ । ହସ କୌତୁକର ଆସର ଭୁଲାଇଦିଏ କର୍ମମୟ ଜୀବନର ଅବସାଦ । ଥମିଯାଇଛି ଖରାର ଦର୍ପ । ଆଉ ମୌସୁମୀର କଅଁଳ ଛୁଆଁ ଶିହରିତ କରୁଛି ମାଟିକୁ । ଜ୍ୟେଷ୍ଠ ମାସର ଶେଷଦିନ ଓ ଆଷାଢ଼ ମାସର ଆରମ୍ଭ ଦୁଇଦିନକୁ ନେଇ ରଜପର୍ବ । ଅସରା ଅସରା ବର୍ଷାରେ ଭିଜାମାଟିର ବାସ୍ନା ମହାକାଇଦିଏ ରଜପର୍ବକୁ । ବସୁମତୀ ବନ୍ଦନାର ଋତୁ ଇଏ । ଏହି ପର୍ବରେ ଭୂଇଁ ରଜସ୍ୱଳା ହେତୁ ମହିଳାମାନେ କାଠପିଢ଼ା ଉପରେ ଶିଳପୁଆ, ଲଙ୍ଗଳ ଲୁହା, ନଡ଼ିଆ ଆଦି ରଖି ତା ଉପରେ ହଳଦୀପାଣି ଢ଼ାଳି ବାସୁମତୀ ସ୍ନାନ କରାନ୍ତି । କାରଣ ଏହାପରେ ହିଁ ଉତ୍ପାଦନକ୍ଷମ ହୁଏ ମାଟି । ଲୋକ ଚଳଣି ସହ ଏହି ପରମ୍ପରାର ଅପୂର୍ବ ସାମଞ୍ଜସ୍ୟ । ଆକାଶରେ ମେଘ ଦେଖିଲେ ଚାଷୀ ମନ ଉଚ୍ଛନ୍ନ ହୋଇଉଠେ, ସତେ ଯେମିତି ବର୍ଷା ଟିକକ ପାଇଁ ତା'ର ବ୍ୟାକୁଳ ଅପେକ୍ଷା । ପହିଲି ବର୍ଷାର ପ୍ରଥମ ପ୍ରେମରେ ଉନ୍ମନା ହୋଇଉଠେ କୁଆଁରୀର ମନ । ଗୋଡ଼ରେ ଅଳତା, ହାତରେ ମଞ୍ଜୁଆତି, ଆଖିରେ କଜ୍ଜଳ ଆଉ ପାଦରେ ପାଉଁଜି ପିନ୍ଧି ଛମ୍ ଛମ ନାଚିଯାଏ ସେ । ଚୁଲିର ରଡ଼ନିଆଁରେ ପୋଡ଼ାଯାଇଥିବା ପୋଡ଼ପିଠା ବୃନ୍ଦାବତୀଙ୍କ ପାଖରେ ଭୋଗ ଲଗାଇ ଏହାକୁକାଟି ପରଷିଦେବ ଗୃହଲକ୍ଷ୍ମୀ । ବାଡ଼ିରେ ରଜଦୋଳିର ଗୀତ ଶୁଭି ଉଠୁଥିବ ଆଉ ଖେଳାଇ ଦେଉଥିବ ଆନନ୍ଦର ଲହରୀ, ବାଗୁଡ଼ି ଖେଳରେ ନଈବାଲିରେ ମାତିଥିବେ ଯୁବକ, ଆଉ କିଶୋରୀର ପୁଚିଖେଳର ଉଛୁଳି ଉଠୁଥିବ ଗାଁ ଦାଣ୍ଡ । ସତରେ ନିଟୋଳ ବିଶ୍ୱାସର ନିଆରା ପର୍ବ ଏହି ରଜ । ପହିଲି ବର୍ଷାର ପୁଲକରେ ଅପରୂପା ଏବେ ପୃଥିବୀ ମାଆ । ସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ - ଏଇ ବେଳରେ । ତା'ର ମହନୀୟତା ସବୁଠୁ ଊର୍ଦ୍ଧ୍ୱରେ ।

**ଇ-ମେଲ :
jasaswinipattanaik78@gmail.com**

# ଆମ ପ୍ରଦେଶ

ସୂର୍ଯ୍ୟପ୍ରଭା ଈ — ଶନିବାର, ୧୫ ଜୁନ ୨୦୨୪


### ଜି-୭ ଶିଖର ସମ୍ମିଳନୀ

## ମାକ୍ରୋନ୍, ସୁନକ୍, ଜେଲେନସ୍କିଙ୍କ ସହ ମୋଦିଙ୍କ ବୈଠକ







॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର/ନୂଆଦିଲ୍ଲୀ, ୧୪।୬: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଇଟାଲୀର ଆପୁଲିଆଠାରେ ଜି-୭ ଶିଖର ସମ୍ମିଳନୀ ଅବସରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ, ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। କ୍ରମାଗତ ତୃତୀୟ ଥର ପ୍ରାଧନମନ୍ତ୍ରୀ ହେବା ନେଇ ରାଷ୍ଟ୍ରପତିମାନେ ମୋଦିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦୁଇ ନେତା ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ 'ହରାଇଜନ ୨୦୪୭' ରୋଡମ୍ୟାପ୍ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ରୋଡ୍ ମ୍ୟାପ୍ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ଶିକ୍ଷା, ଜଳବାୟୁ

### ହରାଇଜନ ରୋଡମ୍ୟାପ୍‌କୁ ଗୁରୁତ୍ୱ

କାର୍ଯ୍ୟାନୁଷ୍ଠାନ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଯୋଗାଯୋଗ ଓ ସାଂସ୍କୃତିକ ପଦକ୍ଷେପ ଯଥା ଜାତୀୟ ସଂଗ୍ରହାଳୟ ଭାଗିଦାରୀ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା ହୋଇଥିଲା। 'ମେକ୍ ଇନ୍ ଇଣ୍ଡିଆ' ଉପରେ ଅଧିକ ଗୁରୁତ୍ୱ ଦେବା ସହ ରଣନୈତିକ ପ୍ରତିରକ୍ଷା ସହଯୋଗକୁ ଆହୁରି ତୀବ୍ର କରିବାକୁ ସେମାନେ ରାଜି ହୋଇଥିଲେ। ୨୦୨୫ରେ ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ଆଗାମୀ ଏଆଇ ଶିଖର ସମ୍ମିଳନୀ ଓ ମିଳିତ ଜାତିସଂଘ ମହାସାଗର ସମ୍ମିଳନୀ ପରିପ୍ରେକ୍ଷୀରେ ଉପଯୁକ୍ତ ଭାବେ କାର୍ଯ୍ୟ କରିବା ସହିତ ଏଆଇ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବିସ୍ତାର କରିବାକୁ ସେମାନେ ସହମତ ହୋଇଥିଲେ। ଉଭୟ ନେତା ପ୍ରମୁଖ ବୈଶ୍ୱିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଥିଲେ। ଏକ ସ୍ଥିର ଓ ସମୃଦ୍ଧ ବିଶ୍ୱ ବ୍ୟବସ୍ଥା ପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ଦୃଢ଼ ଓ ବିଶ୍ୱସନୀୟ ରଣନୈତିକ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହାକୁ ଅଧିକ ଉଚ୍ଚତାରେ ପହଞ୍ଚାଇବା ପାଇଁ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ ଓ ପାରାଲିମ୍ପିକ୍ କ୍ରୀଡ଼ା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମାକ୍ରୋନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ହୋଇଥିଲା, ଯେଉଁଥିରେ ସେମାନେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃ କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀର ଆପୁଲିଆ ଠାରେ ଜି- ୭ ଶିଖର ସମ୍ମିଳନୀ ଅବସରରେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। ନେତାମାନେ ରୋଡମ୍ୟାପ୍ ୨୦୩୦ର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ।

## କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଜୁଏଲ



॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର/ନୂଆଦିଲ୍ଲୀ, ୧୪।୬: ଶୁକ୍ରବାର ନୂଆଦିଲ୍ଲୀରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଜୁଏଲ ଓରାମ। ଏହି ଅବସରରେ ମନ୍ତ୍ରୀଙ୍କୁ ଆଦିବାସୀ ବ୍ୟାପାର ସଚିବ ବିଭୁ ନାୟାର ଓ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବା ଓ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ ସୂଚନା ଦେଇଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ମନ୍ତ୍ରଣାଳୟ ସମଗ୍ର ଦେଶରେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ କାର୍ଯ୍ୟ

### 'ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତ ପଦକ୍ଷେପ ନିଆଯିବ'

କରିଛନ୍ତି। ଭବିଷ୍ୟତରେ ଆଦିବାସୀଙ୍କ ସମସ୍ତ ପ୍ରକାର ବିକାଶ ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଓରାମ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଏକ ବୈଠକରେ ଅଧକ୍ଷତା କରି କାର୍ଯ୍ୟରତ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ। ସମଗ୍ର ଦେଶରେ ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଏମସିଏଲ୍ ଆମ୍ବୁଲନସ୍ ଡିଭିଜନ୍ ପକ୍ଷରୁ ରକ୍ତଦାନ ଶିବିର

## ୨୩୪ ୟୁନିଟ୍ ରକ୍ତ ସଂଗ୍ରହ

॥ ପ୍ରଭାନ୍ୟୁଜ୍ ॥ ସାଉଥବଲଣ୍ଡା, ୧୪।୬: ବିଶ୍ୱ ରକ୍ତଦାତା ଦିବସ ଅବସରରେ ସେଣ୍ଟ ଜନ୍ ଆମ୍ବୁଲାନସ୍‌ର ଏମସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ଜଗନ୍ନାଥ ଏରିଆ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଅନନ୍ତ କଲୋନୀ ଚିଲିକା କଳାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁ ଓ ତାଳଚେର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆଜିର ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଭୁବନେଶ୍ୱରୀ କ୍ଷେତ୍ରର ମହାପ୍ରବନ୍ଧକ ଏକେ ସିଂହ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଡିଭିଜନ୍ କମାଣ୍ଡର ତଥା ସେଣ୍ଟ ଜନ୍ ଆମ୍ବୁଲାନସ୍‌ର ଅନୁଗୋଳ ଜିଲ୍ଲା ଅବୈତନିକ ଯୁଗ୍ମ ସମ୍ପାଦକ ଦିନବନ୍ଧୁ ପ୍ରଧାନ ଓ ଆମ୍ବୁଲାନସ୍ ଅଫିସର ହିମାଂଶୁ ଭୂଷଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଅତିଥି ଭାବେ ସେଣ୍ଟ୍ରାଲ୍ ୱ୍ୱାର୍କସପ୍‌ର ମହାପ୍ରବନ୍ଧକ ଏନ୍.ପି. ଚୌଧୁରୀ, ଫ୍ୟାକ୍ଟ୍ରି ପରିଚାଳକ ସମିର କୁମାର, ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ୍ ହସ୍‌ପିଟାଲ୍‌ର ସିଏମ୍‌ଏସ୍ ଏକେ ଜେନା, ଡସିଆର ନାଏକ, ଏପିଏମ୍ ଦପ୍ତିରାଣୀ ସାହୁ, ଏରିଆ ମେଡିକାଲ୍ ଅଫିସର ଏସ୍‌ଡି ପ୍ରସାଦ, ସନ୍ଧ୍ୟାରାଣୀ ପତି, ଜଗନ୍ନାଥ ଏରିଆର ନିରାକାର ଶତପଥି, ପ୍ରଦୀପ ସାହୁ, ସରୋଜ ସାହୁ, ସୁରକ୍ଷା ଅଧିକାରୀ ମଳୟ କୁମାର ସାହୁ ଓ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବିନୟ କୁମାର ସାହୁ, ଅରୁଣ ପ୍ରଧାନ, ସୀବ କୁମାର, ରନ ସାହୁ, ଇଣ୍ଡିଆନ୍ ଅଏଲ୍ ର ଏଜିଏମ୍, ସମାଜସେବୀ କ୍ଷିରୋଦ ସାହୁ, ରଂଜିତ୍ ମହାପାତ୍ର, ବଳରାମ ପତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ତାଳଚେର ଉପଖଣ୍ଡ ରକ୍ତଭଣ୍ଡାରର ଡାକ୍ତର ବିନୟ କୁମାର



ପାଢ଼ୀ, ପ୍ରସନ୍ନ ବେହେରା, କୁମୁଦ ସାହୁ, ଗୋପାଳ ଚନ୍ଦ୍ର ବେହେରା, ପଦ୍ମିନୀ ସାହୁ, ଚନ୍ଦ୍ରମଣି ନାଏକ, ତ୍ରିନାଥ ଓତା, ରାଜ କିଶୋର ପ୍ରଧାନ, ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ୍ ହସ୍‌ପିଟାଲ୍ ର ଟେକ୍‌ନିସିଆନ୍ ଅବିନାଶ ସାହୁ, ମାନସ ରନ ଦାସ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମୋଟ୍ ୨୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ବ୍ରିଗେଡିଅର ଟିକନ ସାହୁ, ଅରବିନ୍ଦ ପ୍ରଧାନ, ଅକ୍ରମ ବାରିକ୍, ଅଜୟ ପାଢ଼ୀ, ଶୁଭ୍ରାଂଶୁ ପ୍ରଧାନ, ଗୌତମ ଦେହୁରୀ, ପ୍ରଶାନ୍ତ ଜେନା, ଇଲାରାଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜମ୍ମୁ-କାଶ୍ମୀର ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଅମିତ ଶାହ

॥ ଏଜେନ୍ସି ॥ ନୂଆଦିଲ୍ଲୀ, ୧୪।୬

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଜମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଉପତ୍ୟକାରେ ଦିନକୁ ଦିନ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ନିକଟରେ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ବସ ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ। ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଏଥିପାଇଁ ଆଜି ଶ୍ରୀ ଶାହ ବରିଷ୍ଠ ଅଧିକାରୀମାନଙ୍କ ସହ ଉପତ୍ୟକାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି।

ସେହିପରି ଆସନ୍ତା ୧୬ ତାରିଖରେ ସେ ଉଚ୍ଚ ସ୍ତରୀୟ ବୈଠକ ଡାକିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ଜମ୍ମୁ-କାଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା, ଆର୍ମି ଓ ସିଆରପିଏଫର ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ। ଘାଟିରେ ବଢୁଥିବା ଆତଙ୍କୀ ହମଲାକୁ କେମିତି ହ୍ରାସ କରାଯିବ, ତାହା ହିଁ ବୈଠକର ମୂଳ ଏଜେଣ୍ଡା ରହିଛି। ପିଟିଆଇରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଆଜିର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଜମ୍ମୁ-କାଶ୍ମୀରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ତଥ୍ୟ ଦିଆଯାଇଛି। ସେହିପରି ଆତଙ୍କବାଦୀ ହମଲା ପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ପଚାରି ବୁଝିଛନ୍ତି।



ଗତ ୪ ଦିନ ମଧ୍ୟରେ ଆତଙ୍କବାଦୀ ୪ଟି ଭିନ୍ନ ଭିନ୍ନ ଠିକଣାରେ ହମଲା କରି ସାରିଲେଣି। ରେସି, କଠୁଆ ଓ ଡୋଡା ଜିଲ୍ଲାରେ ଏପରି ଆକ୍ରମଣ ହୋଇଛି। ଏହି ସବୁ ଆକ୍ରମଣରେ ୯ ଜଣ ତୀର୍ଥ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୭ ଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଅତିରିକ୍ତ ଭାବେ କଠୁଆ ଜିଲ୍ଲାରେ ହୋଇଥିବା ଏନକାଉଣ୍ଟରରେ ୩ ଜଣ ସନ୍ଦିଗ୍ଧ ପାକିସ୍ତାନୀ ଆତଙ୍କୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ମିଳିଛି।

## ଆଶିଷ ଦାଶ ଆଦାନୀ ଧାମରା ପୋର୍ଟ କର୍ପୋରେଟ ବ୍ୟାପାର ମୁଖ୍ୟ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର, ୧୪।୬: ଆଦାନୀ ଧାମରା ପୋର୍ଟର କର୍ପୋରେଟ ବ୍ୟାପାର ମୁଖ୍ୟ ଭାବେ ଆଶିଷ ଦାଶ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଶ୍ରୀ ଦାଶ କର୍ପୋରେଟ ଜଗତରେ ଏକ ଜଣଶୁଣା ନାମ। ଦୀର୍ଘ ୨୫ ବର୍ଷ ଧରି ଶ୍ରୀ ଦାଶ ରିଲାଏନ୍ସ, ଟାଟା, ଏସାର, ଏସିଏମ୍‌ଇ, ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ଆଦି କମ୍ପାନୀରେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରି ଆସିଛନ୍ତି। ଆଦାନୀ ପୋର୍ଟରେ ଯୋଗ ଦେବା ପୂର୍ବରୁ ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ରେ କାର୍ଯ୍ୟ କରୁଥିଲେ। ସେ ନିଜ କ୍ୟାରିୟର ଓଡ଼ିଶା ପ୍ରଶାସନିକ ଅଧିକାରୀ ଭାବେ ଆରମ୍ଭ କରି ୧୯୯୯ ମସିହାରେ ଭଦ୍ରକ ଜିଲ୍ଲାରେ ପ୍ରଥମ ପୋଷ୍ଟିଂ ପାଇଥିଲେ।

ଶ୍ରୀ ଦାଶ ଦୁବାଇ ସ୍ଥିତ ଏଚ୍‌ୟୁଏଲ୍‌ଟି ଇଣ୍ଟରନ୍ୟାସନାଲ ବିଜିନେସ୍ ସ୍କୁଲରୁ 'ପ୍ରକଳ୍ପ ପରିଚାଳନା ଓ କର୍ପୋରେଟ ଫାଇନାନ୍ସ'ରେ ଏମ୍‌ବିଏ କରିଛନ୍ତି। କର୍ପୋରେଟ ବ୍ୟାପାର, ଆଇନ୍, କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍), ଭୂମିଗତ ପରିଚାଳନା, କମ୍ୟୁନିଟୀ ଇଣ୍ଟରଆକ୍ସନ, ବିଭିନ୍ନ ବ୍ୟବସ୍ଥା ଭିତ୍ତିକ କାର୍ଯ୍ୟକ୍ରମ ଓ ଆଇନଗତ ନିୟମ ଆଦି ବିଭିନ୍ନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ତାଙ୍କ ପୂର୍ବରୁ ଜଗତ ପରିଜା ଉକ୍ତ ସ୍ଥାନରେ ରହିଥିବାବେଳେ ୨୦୨୪ ଏପ୍ରିଲ ୩୦ ତାରିଖରେ ସେ ଅବସର ଗ୍ରହଣ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସ ପାଳନ

॥ ପ୍ରଭାନ୍ୟୁଜ୍ ॥ ଜୟପୁର, ୧୪।୬: କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁର ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ଜୟପୁର ସ୍ଥାନୀୟ ରଘୁନାଥ ମନ୍ଦିର ଛକ ଠାରୁ ରକ୍ତଦାତା ମାନଙ୍କ ନିମନ୍ତେ ଏକ ଧନ୍ୟବାଦ ପଦଯାତ୍ରା ବାହାରି ସହର ପରିକ୍ରମା କରି ମୁଖ୍ୟ ଟ୍ରାଫିକ ଛକ ଦେଇ କୋବିଡ୍ ହସ୍ପିଟାଲ ଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିବାପାଇଁ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ସବୁଜ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହ ଠାରେ ଏକ ବୈଠକ ଆୟୋଜିତ ହୋଇଥଲା। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜର ରୁପସି ମଧୁସ୍ମିତା ନାୟକ, ଅନ୍ୟାନ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ତଥାଗତ ଦାଶ, ଅଭୟ ପଣ୍ଡା ଓ ବ୍ଲଡ଼ ବ୍ୟାଙ୍କ ଷ୍ଟାଫ୍ ଓ କିରାଣୀ ଉମାଶଙ୍କର ଆଚାରୀ, ସପନ ପାଣିଗ୍ରାହୀ ପ୍ରମୁଖଙ୍କ ସହ ଏଏନ୍‌ଏମ୍ ଛାତ୍ରୀ ସ୍କୁଲ ଓ କଲେଜର ଏନସିସି ଛାତ୍ରଛାତ୍ରୀଙ୍କ ସମେତ ସମାଜ ସେବକ ନିରଂଜନ ପାଣିଗ୍ରାହୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ମୁଖ୍ୟ ଚିକିତ୍ସାଳୟ ଠାରେ ରକ୍ତ ଦାନ କରିଥିବା ରକ୍ତଦାତାମାନଙ୍କୁ ଏସ ଏସ ମିଶ୍ରଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ରଜ ପର୍ବରେ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର

॥ ପ୍ରଭାନ୍ୟୁଜ୍ ॥ ବୁଗୁଡ଼ା, ୧୪।୬: ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନି ଦିନ ଧରି ପାଳନ କରାଯାଉଥିବା ରଜପର୍ବର ପହିଲି ଦିବସରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଗତ ବର୍ଷ ଭଳି ଏ ବର୍ଷ ମଧ୍ୟ ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛି। ଏ ଅବସରରେ ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତା ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥିଙ୍କ ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି। ଏଥିସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି।



## ସହକାରୀ ଶ୍ରମ ଅଧିକାରୀ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ ଦାବି

॥ ପ୍ରଭାନ୍ୟୁଜ୍ ॥ ଆସିକା, ୧୪।୬: ଆସିକା ଚିନିଶିଳ୍ପ ନୂଆଗାଁରେ ଥିବା ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିକା ସ୍ଥାନାନ୍ତରଣ ପାଇଁ ଦାବି ହୋଇଛି। ଗଞ୍ଜାମ ଜିଲ୍ଲାର ଆସିକା ଏକ ପ୍ରମୁଖ ଶିଳ୍ପକେନ୍ଦ୍ର ସହର। ଏସିଆର ମହାଦେଶର ସର୍ବପ୍ରଥମ ଚିନି ଶିଳ୍ପ ଆସିକା ଠାରେ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତି ସମୟରେ ଆସିକା ସମବାୟ ଟାଇଲ ଶିଳ୍ପ, ସମବାୟ ଶୀତଳଭଣ୍ଡାର, ସମବାୟ ଉତ୍କଳ ଆୟୁର୍ବେଦିକ ଫାର୍ମାସୀ, ସମବାୟ ଚମଡା ଶିଳ୍ପ, ଆସିକା ବହୁମୁଖୀ ସମବାୟ ସମିତି, ଆସିକା ସୂତାକଳ, ବହୁ ବ୍ୟାଙ୍କ, ହୋଟେଲ ଲଜ ଓ ବଡ ବଡ଼ ତାଲିମ କେନ୍ଦ୍ର କ୍ରସର ମିଲ ରହିଛି। ଏହି ସବୁ ଅନୁଷ୍ଠାନ ଗୁଡିକରେ ହଜାର ହଜାର ଶ୍ରମିକ କାର୍ଯ୍ୟରତ ଅଛନ୍ତି। ଏହାକୁ ଭିତ୍ତିକରି ବହୁ ବର୍ଷ ଧରି ଆସିକା ଠାରେ ଶ୍ରମ କାର୍ଯ୍ୟାଳୟ ଦାବି ହୋଇଆସୁଥିଲା। ଶେଷରେ ୧୯୯୪ ମସିହାରେ ଆସିକା ନୂଆଗାଁ ଶିଳ୍ପ ଲେବର କଲୋନୀ ମଧ୍ୟରେ ସ୍ଥାପିତ ହୋଇ ଜଣେ ସହକାରୀ ଶ୍ରମ ଅଧିକାରୀ ନିୟୋଜିତ ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟାଳୟ ଅଧୀନରେ ଆସିକା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ, ଶେରଗଡ଼ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର, ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ, ଧରାକୋଟ ବ୍ଲକ ଅଧୀନ ସମସ୍ତ ଶିଳ୍ପ ଓ ଶ୍ରମିକ ସଂଗଠନ ଉପକୃତ ହୋଇଛନ୍ତି। ଏହାର ସଂଖ୍ୟା ପ୍ରାୟ ୧ ଲକ୍ଷ ହେବ। ୩୦ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ଏହି ଶ୍ରମ କାର୍ଯ୍ୟାଳୟର ସ୍ଥାୟୀ କୋଠା ନାହିଁ। ବର୍ତ୍ତମାନର କାର୍ଯ୍ୟାଳୟ ଚାଲିଥିବା କୋଠାର ଅବସ୍ଥା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥା। କାର୍ଯ୍ୟାଳୟକୁ ଯିବା ପାଇଁ ରାସ୍ତା, ନାମଫଳକ ମଧ୍ୟ ନାହିଁ।



ଏମିତିକି ବର୍ଷା ଦିନ ଚିନି ଶିଳ୍ପର ସମସ୍ତ ଅଳିଆ ଓ ପାଣି ଉକ୍ତ କାର୍ଯ୍ୟାଳୟ ପରିସରରେ ଗଦା ହେଉଛି। ଫଳରେ କାର୍ଯ୍ୟାଳୟକୁ ଯିବା ସମ୍ଭବ ପର ହେଉନି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗିରହିଛି। ପ୍ରକାଶ ଥାଉକି ଆସିକା ଠାରୁ ଉକ୍ତ କାର୍ଯ୍ୟାଳୟ ୫ କିମି ଦୂରରେ ଅବସ୍ଥିତ। ଆସିକାରୁ ଉକ୍ତ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରାୟ ୧୦୦ ରୁ ୧୫୦ ଟଙ୍କା ଖର୍ଚ୍ଚ ହେଉଛି। ଜଣେ ଶ୍ରମିକ ପାଇଁ ଏହା ସମ୍ଭବ ପର ହେଉନାହିଁ। ଯାହାଦ୍ୱାରା କି ଏଠାକୁ ଯିବାରୁ ବହୁ ଶ୍ରମିକ ବଞ୍ଚିତ ହେଉଛନ୍ତି। ଉକ୍ତ କୋଠାରେ ଉପଭୋକ୍ତାଙ୍କ ପାଇଁ କୌଣସି ମୌଳିକ ସୁବିଧା ନାହିଁ। ନିକଟରେ ଶ୍ରମ ବିଭାଗର ନୂତନ କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ହୋଇଛି। ଏହି କାର୍ଯ୍ୟାଳୟକୁ ଆସିକା ମଧ୍ୟରେ କରିବାକୁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି କରିଛନ୍ତି।

## କୋଟା ଆତ୍ମହତ୍ୟା ସହ ନିଟ-ୟୁଜି ରେଜଲ୍ଟର ଲିଙ୍କ ନାହିଁ

॥ ଏଜେନ୍ସି ॥ ନୂଆଦିଲ୍ଲୀ, ୧୪।୬: ଚଳିତ ବର୍ଷ ପ୍ରକାଶ ପାଇଥିବା ନିଟ-ୟୁଜି ରେଜଲ୍ଟକୁ ନେଇ ଥମୁନି ବିବାଦ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଥିବାବେଳେ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏବେ କୋଟାରେ ଘଟୁଥିବା ଆତ୍ମହତ୍ୟାକୁ ପରୀକ୍ଷା ଫଳ ସହ ସଂଯୋଗ କରାଯାଇଛି, ଯାହାକୁ ଖଣ୍ଡନ କରିଛନ୍ତି ସୁପ୍ରିମକୋର୍ଟ। ଆବେଦନକାରୀ ମାନେ ଏପରି ଭାବପ୍ରବଣ ଯୁକ୍ତି କରିବା ଉଚିତ୍ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି, କୋଟାରେ ହେଉଥିବା ଛାତ୍ର ଆତ୍ମହତ୍ୟା ନିଟ-ୟୁଜି ରେଜଲ୍ଟକୁ ନେଇ ହୋଇ






ନାହିଁ। ଏପରି ଅନାବଶ୍ୟକ ଭାବପ୍ରବଣ ଯୁକ୍ତି କରନ୍ତୁ ନାହିଁ। ପ୍ରକାଶ ଥାଉକି, ନିଟ୍ ପରୀକ୍ଷା ଫଳରେ ଅନିୟମିତତା ଦର୍ଶାଇ ଏହାର ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଛି। ଆଜି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବିକ୍ରିମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଅବକାଶ ବେଞ୍ଚ ଏହି ଆବେଦନ ଉପରେ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ଆବେଦନକାରୀମାନେ କୋଟାରେ ଛାତ୍ର ଆତ୍ମହତ୍ୟାକୁ ନିଟ-ୟୁଜି ରେଜଲ୍ଟ ସହ ଲିଙ୍କ୍ ଥିବା କହିଥିଲେ, ଯାହାକୁ ଖଣ୍ଡନ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଖଣ୍ଡପୀଠ ମଧ୍ୟ ବର୍ତ୍ତମାନ କାଉନସେଲିଂକୁ ସ୍ଥଗିତ ରଖାଯାଇ ପାରିବ ନାହିଁ ବୋଲି କହିଛନ୍ତି। ମାମଲା ଉପରେ ସିବିଆଇ ଯାଞ୍ଚ ଆବେଦନ ଉପରେ ଏକ ବିଜ୍ଞପ୍ତି ଜାରି କରି ଖଣ୍ଡପୀଠ ଜାତୀୟ ପରୀକ୍ଷା ଏଜେନ୍ସି ଏନଟିଏକୁ ଦୁଇ ସପ୍ତାହ ମଧ୍ୟରେ ପ୍ରତିକ୍ରିୟା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୮ରେ ପରବର୍ତ୍ତୀ ଶୁଣାଣି ହେବ। ନିକଟରେ ନିଟ-ୟୁଜି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିବାଦ ବଢ଼ିଛି। ୬୭ ଜଣ ପ୍ରାର୍ଥୀ ୭୨୦ରୁ ୭୨୦ ମାର୍କ ରଖିଥିବାରୁ ପେପର୍ ଲିକ୍ ହୋଇଥିବା ଅଭିଯୋଗ କରାଯାଉଛି। ସେହିପରି ଓଡ଼ିଶା, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡର ଛାତ୍ରଛାତ୍ରୀ ଗୁଜରାଟର ଏକ ନିର୍ଦ୍ଦିଷ୍ଟ ସେଣ୍ଟର ଗୋଧ୍ରା ବାଛିଥିବାକୁ ନେଇ ମଧ୍ୟ ସନ୍ଦେହ କରାଯାଇ ଏ ଉପରେ ସିବିଆଇ ତଦନ୍ତ ପାଇଁ ଦାବି ହେଉଛି।

## ରଜରେ ଦୋଳି ଓ ରଜ ପାନର ମଜା ନେଲେ କୁଆଁରୀ

॥ ପ୍ରଭାନ୍ୟୁଜ୍ ॥ ନିଳଗିରି, ୧୪।୬: ଓଡ଼ିଶାର ଗଣପର୍ବ ରଜ ତିନି ଦିନଧରି ପାଳିତ ହୋଇଆସୁଥିବା ବେଳେ ଶୁକ୍ରବାର ପ୍ରଥମ ପହିଲି ରଜରେ ପୁରପଲ୍ଲୀରେ କୁଆରୀମାନେ ନିଜକୁ ସଜେଇ ହୋଇ ରଜ ଦୋଳି ସହିତ ରଜପାନର ମଜା ନେଉଛନ୍ତି। ବଣ ପାହାଡ ଘେରା ନିଳଗିରି ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ବର୍ଷକୁ ଏହି ତିନି ଦିନକୁ ଅପେକ୍ଷା କରିଥାନ୍ତି। ପହିଲି ଆଷାଢ଼ର ମେଘୁଆ ଆକାଶର ପରିବେଶ ମଧ୍ୟରେ ପ୍ରତି ଗାଁରେ କୁଆରୀମାନେ ଦୋଳିର ମଜା ନେଉଥିବା ବେଳେ ଘରେ ଘରେ ପିଠା ପଣାର ଆସର ଜମିଥିଲା। ଘରର ମହିଳା ମାନେ ରଜ ଦୋଳି କଟ ମଟ ଗୀତରେ ଭରି ଉଠେ ଗାଁ ଗହଳି ଲାଗିଥିଲା। ବଜାରରେ ରଜ ପାନ ଦୋକାନରେ ଗହଳି ଲାଗିଥିଲା। ଏହି ତିନି ଦିନ ଧରି ବସୁମତୀଙ୍କୁ କୃଷକମାନେ ପୂଜା କରିବା ସହ ହଳ ନିଷେଧ କରିଥାନ୍ତି।